କେବଳ କଥାରେ ହୁଏ ନାହିଁ ଦେଶ ନିର୍ମାଣ
୫ ବର୍ଷରେ ବିଜେପି ଲୋକଙ୍କ ବିଶ୍ୱାସ ହରେଇଛି । ବିମୁଦ୍ରାକରଣ କଲେ । ଗରିବ ଆହୁରି ଗରିବ ହେଲା । ଜିଏସ୍‌ଟି କଲେ । ଯୁବକ ରୋଜଗାର ହରାଇଲେ । ଚାଷୀ ପାଇଁ କିଛି କଲେ ନାହିଁ । ଗରିବ,ଚାଷୀ, ମହିଳା, ଯୁବକ, ଏସ୍ ଟି ଏସ୍ ସି ଓ ସାଧାରଣ ଲୋକ ସମସ୍ତେ ହତାଶ । ସେଥିପାଇଁ ବିଜେପି ସବୁ ନିର୍ବାଚନରେ ହାରୁଛି ।
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର । ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।
ବିଜୁ ଜନତା ଦଳ

## ସଂକ୍ଷେପରେ

### ଅଟୋ-ବାଇକ୍ ଧକ୍କା, ଜଣେ ଗୁରୁତର

ଆସିକା,୨୩।୪(ଡି.ଏନ୍.ଏ.): ଗାଙ୍ଗପୁର ଥାନା ବଡବୋରସିଙ୍ଗି ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବୁଗୁଡା ଥାନା ମଣିବନ୍ଧ ଗ୍ରାମର କୃଷ୍ଣ ପ୍ରଧାନ। ଚିକିତ୍ସା ଲାଗି ତାଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୨୩।୪(ଡି.ଏନ୍.ଏ.): ତାରସିଂ ଥାନା ଅନ୍ତର୍ଗତ ବାଲିସାହି ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ବାଇକ୍‌ରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗଣର ଜୋସ୍ନାରାଣୀ ପ୍ରଧାନ (୪୫)। ମୃତଦେହକୁ ତାରସିଂ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଜ୍ୟୋତ୍ସ୍ନା କୌଣସି କାମରେ ଗେରେଡ଼ା ଯାଇଥିଲେ। ପୂର୍ବାହ୍ନରେ ସେ ତାଙ୍କ ସ୍ୱାମୀ ପ୍ରସନ୍ନ କୁମାର ପ୍ରଧାନଙ୍କ ସହ ବାଇକ୍‌ରେ ଫେରୁଥିଲେ। ତେବେ ବାଲିସାହି ନିକଟରେ ଜ୍ୟୋତ୍ସ୍ନା ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସରେ ତାଙ୍କୁ ଭଞ୍ଜନଗର ହସ୍ପିଟାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

# ଷ୍ଟ୍ରଙ୍ଗରୁମ୍ ଯାଞ୍ଚ କଲେ ଜିଲାପାଳ

ଭଞ୍ଜନଗର,୨୩।୪(ଡି.ଏନ.ଏ)

ଭଞ୍ଜନଗର, ସୋରଡ଼ା ଓ ଆସିକା ନିର୍ବାଚନ ମଣ୍ଡଳୀରେ ଗତ ୧୮ ତାରିଖରେ ମତଦାନ ସରିଛି। ଏହି ୩ ନିର୍ବାଚନ ମଣ୍ଡଳୀର ମୋଟ ୭୨୨ ବୁଥ୍‌ର ଇଭିଏମ୍ ଏବଂ ଭିଭିପିଏଟିକୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଷ୍ଟ୍ରଙ୍ଗରୁମରେ ସିଲ କରି ରଖାଯାଇଛି। ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ଷ୍ଟ୍ରଙ୍ଗ ରୁମ ଯାଞ୍ଚ କରିଛନ୍ତି। ଏହି ସମୟରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ତହସିଲଦାର ଦୀନମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୋରଡ଼ା ନିର୍ବାଚନ ମଣ୍ଡଳୀର ରେଣ୍ଟି ବୁଥ୍‌ରେ ରିଗିଂ ସହ ଇଭିଏମ୍ ଭଙ୍ଗା ଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଇଭିଏମ ମଧ ଷ୍ଟ୍ରଙ୍ଗରୁମରେ ରହିଛି। ତେବେ ରେଣ୍ଟି ବୁଥରେ ୨୫ରେ ସାନି ମତଦାନ ହେବା ପରେ ଷ୍ଟ୍ରଙ୍ଗରୁମ୍‌କୁ ଇଭିଏମ ଆସିବ। ମେ ୨୩ ପୂର୍ବାହ୍ନରେ ଭଞ୍ଜନଗର କଲେଜ ପରିସରରେ କଡ଼ାସୁରକ୍ଷା ମଧ୍ୟରେ ଭୋଟ ଗଣତି ଆରମ୍ଭ ହେବ। ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଏବେ କିଏ କେତେ ଭୋଟରେ ବିଜୟୀ ହେବେ, କେତେ ଭୋଟ ପାଇବେ ସେ ନେଇ ଅଙ୍କ କଷୁଛନ୍ତି। ଅଧିକାଂଶ ପ୍ରାର୍ଥୀ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ନିର୍ଦ୍ଦିଷ୍ଟ କିଛି ପ୍ରାର୍ଥୀଙ୍କ ବିଜୟ ନେଇ ସେମାନଙ୍କ କର୍ମୀ ଦ୍ୱନ୍ଦ୍ୱରେ ଅଛନ୍ତି। ଅନ୍ୟପକ୍ଷରେ ଇଭିଏମ୍ ବଦଳ ହୋଇଯିବା ଆଶଙ୍କା କରି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳ ନେତାମାନେ ଷ୍ଟ୍ରଙ୍ଗରୁମ୍ ନିକଟରେ କିଛିଦିନ ହେବ ପଇଁତରା ମାରୁଛନ୍ତି। ଇଭିଏମ୍ ଓ ଭିଭିପିଏଟି ଗୁଡ଼ିକ ତ୍ରିସ୍ତରୀୟ ସୁରକ୍ଷାରେ ରଖାଯାଇଛି।


ଜିଲାପାଳ ଷ୍ଟ୍ରଙ୍ଗରୁମ୍ ଯାଞ୍ଚ କରୁଛନ୍ତି।

**ଭୋଟ ଫଳାଫଳକୁ ନେଇ ନେତା, କର୍ମୀ ଦ୍ୱନ୍ଦ୍ୱରେ**

# ସିଡିଏମ୍‌ଓଙ୍କ ଆସିକା ଡାକ୍ତରଖାନା ପରିଦର୍ଶନ

ଆସିକା,୨୩।୪ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ବିଜୟ କୁମାର ପାଣିଗ୍ରାହୀ ମଙ୍ଗଳବାର ମଧ୍ୟାହ୍ନରେ ଅଚାନକ ଆସିକା ଡାକ୍ତରଖାନା ପରିଦର୍ଶନରେ ଆସିଥିଲେ। ସେ ବିଭିନ୍ନ ରୋଗୀ ପ୍ରକୋଷ୍ଠ ଓ ଔଷଧ ବିତରଣ କେନ୍ଦ୍ର ବୁଲିବା ସହ ଚିକିତ୍ସା ସେବା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଡାକ୍ତର ଓ କର୍ମଚାରୀ ଅଭାବ ସତ୍ତ୍ୱେ ସେବା କାର୍ଯ୍ୟ ଠିକ ଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ସିଡିଏମଓଙ୍କୁ ଭେଟି ଡାକ୍ତରଖାନାରେ ରୋଗୀ ଶଯ୍ୟାରେ ବେଡସିଟ ନ ଥିବା, ୧୦୮ ଆମ୍ବୁଲାନ୍ସ ସେବା ଠିକ ରୂପେ ହୋଇପାରୁ ନ ଥିବା ଏବଂ ଡାକ୍ତର ଅଭାବରୁ ଚିକିତ୍ସା ପାଇଁ ଜନସାଧାରଣ ହଟାହଟା ହେଉଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ନିର୍ବାଚନ ଆଚରଣବିଧି ଚାଲିଥିବାରୁ ଡାକ୍ତର ନିଯୁକ୍ତି ନେଇ କୌଣସି ପଦକ୍ଷେପ ନିଆଯାଇ ପାରି ନ ଥିବା ଓ ଆବଶ୍ୟକସ୍ଥଳେ ନିକଟସ୍ଥ ଡାକ୍ତରଖାନାରୁ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦେବାକୁ ଚିନ୍ତା କରାଯାଉଥିବା ସିଡିଏମଓ ପାଣିଗ୍ରାହୀ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଏକଦା ରେଫେରାଲ ହସ୍ପିଟାଲ ରୂପେ ପରିଚିତ ଆସିକା ଡାକ୍ତରଖାନା ଉପରେ ଆସିକା ଏନଏସି, ବ୍ଲକବାସୀ ନିର୍ଭର କରୁଥିବା ବେଳେ ସହ ଧରାକୋଟ, ଶେରଗଡ, କବିସୂର୍ଯ୍ୟନଗର, ବାଲିପଦର, ବାଲିସିରା ଆଦି ଡାକ୍ତରଖାନାରୁ ରୋଗୀ ଆସିଥାନ୍ତି। ଏହି ଡାକ୍ତରଖାନାରେ ୭ ଡାକ୍ତର ରହିବାକୁ ବ୍ୟବସ୍ଥା ରହିଥିବା ବେଳେ ଦୀର୍ଘଦିନ ହେଲା ମାତ୍ର ୩ ଜଣ ଅଛନ୍ତି। ଅନ୍ୟପକ୍ଷରେ ଏହି ଡାକ୍ତରଖାନାକୁ ସରକାର ସବଡିଭିଜନାଲ ଡାକ୍ତରଖାନା ଘୋଷଣା କରିଥିଲେ ମଧ ଅଦ୍ୟାବଧି ଭିତ୍ତିଭୂମିର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

# ଶ୍ମଶାନ ମଣ୍ଡପ ନିର୍ମାଣକୁ ନେଇ ଦୁଇ ଗୋଷ୍ଠୀ ବିବାଦ

**ଦିଗପହଣ୍ଡି,୨୩।୪(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ରାଜପୁର ଗାଁ ଶ୍ମଶାନ ମଣ୍ଡପ ନିର୍ମାଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ବିବାଦ ଚରମ ସୀମାରେ ପହଞ୍ଚିଛି। ଯୁକ୍ତିତର୍କ ଓ ଧସ୍ତାଧସ୍ତି ପରେ ଥାନାକୁ ଯାଇଛି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ପୃଥକ ଏତଲା ଦିଆଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଉଭୟ ଗୋଷ୍ଠୀକୁ ଥାନାକୁ ଡ଼କାଇ ତଦନ୍ତ ଚଳାଇଛି। ଏମ୍‌ଜିଏନଆରଇଜିଏସ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଶ୍ମଶାନ ମଣ୍ଡପ ଓ ଶବଦାହ ଗୃହ ନିର୍ମାଣ କାର୍ଯ୍ୟକୁ ଗ୍ରାମର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀ ବିରୋଧ କରୁଥିବାରୁ ଉତ୍ତେଜନା ଲାଗି ରହିଛି। ମାର୍ଚ୍ଚ ୨୨ରେ ଉକ୍ତ କାର୍ଯ୍ୟାଦେଶ ନାମଫଳକକୁ କେତେଜଣ ବ୍ୟକ୍ତି ଭାଙ୍ଗି ଦେଇଥିଲେ। ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଶ୍ମଶାନ ମଣ୍ଡପ ନିର୍ମାଣ କାମ ଚାଲିଥିବା ବେଳେ କାର୍ଯ୍ୟ ତଦାରଖ କରୁଥିବା ବାଳକୃଷ୍ଣ ବିଶୋୟୀଙ୍କୁ ବିପକ୍ଷ ଗୋଷ୍ଠୀର କେତେଜଣ ଯୁବକ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣ ଉଦ୍ୟମ କରାଯାଇଥିବା ଦିଗପହଣ୍ଡି ଥାନାରେ ବାଳକୃଷ୍ଣ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ଉତ୍ତମ ଭୋଳ ଏତଲା ଦେଇଥିବା ପୋଲିସ କହିଛି।

# ନିଧିଆପଲ୍ଲୀ-ଗାଲେରି ରାସ୍ତାରେ ପଡ଼ିଲା ଗଛ



ରାସ୍ତା ଉପରେ ପଡ଼ିଥିବା ଗଛ।

ଭଞ୍ଜନଗର,୨୩।୪(ଡି.ଏନ.ଏ.)

ଭଞ୍ଜନଗର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ଏଥିରେ ନିଧିଆପଲ୍ଲୀ ଜୟମଙ୍ଗଳ ଜଳଭଣ୍ଡାର ନିକଟରେ ଏକ ଗଛ ଉପୁଡ଼ି ରାସ୍ତାରେ ପଡ଼ିଯାଇଥିଲା। ଫଳରେ କିଛି ସମୟ ପାଇଁ ଭଞ୍ଜନଗର ଭାୟା ନିଧିଆପଲ୍ଲୀ ଗାଲେରି ରାସ୍ତା ବନ୍ଦ ଥିଲା। ପରେ ଗ୍ରାମବାସୀ ଗଛ ହାଣି ରାସ୍ତା ସଫା କରିବାରୁ ଯାତାୟାତ ସ୍ୱାଭାବିକ ହୋଇଛି। ଝଡ଼ତୋଫାନ ଯୋଗୁ କେତକ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି।

ମଳକଣ୍ଟକ
ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ।
ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭର୍‌କୁ ସ୍ୱାଭାବିକ ରଖିବା ଏବଂ ପେଟ ସଫା କରିବାରେ ଫଳପ୍ରଦ।
Jolly Vaseir Anti Piles Capsules
ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା
JOLLY
ବାସିର
ଜେଲ୍ ଓ କ୍ୟାପସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ। ☎ 0161-520-1588

# ୧୩ରୁ ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା

ପୁରୁଷୋତ୍ତମପୁର,୨୩।୪(ଡି.ଏନ୍.ଏ.)

ପୁରୁଷୋତ୍ତମପୁରର ଐତିହାସିକ ପ୍ରସିଦ୍ଧ ମା' କନକା ଠାକୁରାଣୀଙ୍କ ସମେତ କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀ ପଞ୍ଚ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ସୋମବାର ରାତିରେ ବଡବଜାରଠାରେ ଯାତ୍ରା ଅଧିକାରୀ ରମାକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଷୋତ୍ତମପୁର କପିଳେଶ୍ୱର ବଣିକସଂଘର ସଭାପତି କେ. ଶ୍ୟାମମୂର୍ତ୍ତି ଆଚାରୀ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ୱାର୍ଡ ସାହିବସ୍ତିର ଜନସାଧାରଣ ଯୋଗଦେଇ ମା' ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ନିମନ୍ତେ ଆଲୋଚନା କରିଥିଲେ। ଏଥିରେ ସର୍ବସମ୍ମତିକ୍ରମେ ଓ ଜ୍ୟୋତିର୍ବିଦ୍‌ଙ୍କ ପରାମର୍ଶ ପ୍ରକାରେ ମା'ଙ୍କ ସହରକୁ ଆଗମନ ଓ ବିଦାୟର ଶୁଭଲଗ୍ନର ତିଥି ସ୍ଥିରୀକୃତ କରିଥିଲେ। ଚଳିତ ମାସ ୨୮ରେ ଡାକବାନା, ୩୦ରେ ଶୁଭଖୁଣ୍ଟି ସ୍ଥାପନ କରାଯାଇ ମେ' ୧୩ରେ ମା' ପଞ୍ଚ ଠାକୁରାଣୀଙ୍କୁ ଆମନ୍ତ୍ରଣ କରି ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ବିଜେ କରାଯାଇ ଯାତ୍ରା ଆରମ୍ଭ ହେବ। ଜୁନ୍ ୧୨ରେ ମା'ଙ୍କୁ ବିଦାୟ ଦିଆଯାଇ ଯାତ୍ରା ଶେଷ ହେବ। ଦୀର୍ଘ ଏକମାସ ଧରି ଏହି ଯାତ୍ରା ଚାଲିବ। ପରିଚାଳନା ଲାଗି ଯାତ୍ରା ଅଧିକାରୀ ଭାବେ ରମାକାନ୍ତ ଦାଶ, ସଭାପତି ଭାବେ କେ. ଶ୍ୟାମମୂର୍ତ୍ତି ଆଚାରି, ଉପସଭାପତି ଭାଗୀରଥି ସାହୁ, ସମ୍ପାଦକ ପ୍ରହ୍ଲାଦ ସାହୁ, ସହ ସମ୍ପାଦକ ରୂପେଶ କୁମାର ସାହୁ, ଓ କୋଷାଧକ୍ଷ ଭାବେ ମନୋରଞ୍ଜନ ଦାଶଙ୍କ ସମେତ ୩୦ ଜଣଙ୍କୁ କାର୍ଯ୍ୟକାରୀ କମିଟିରେ ସଦସ୍ୟ ଭାବେ ମନୋନୀତ କରାଯାଇଛି।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଗ୍ରାମବାସୀ।

# ରନ୍ଧା ମଦ ଜବତ, ଜଣେ ଗିରଫ

ଆସିକା,୨୩।୪(ଡି.ଏନ୍.ଏ.)

ଆସିକା କଲେଜଛକ ନିକଟସ୍ଥ ଗୋଳାପଲ୍ଲୀ ଏରୋଗୋଲା କ୍ୟାମ୍ପ ଉପରେ ମଙ୍ଗଳବାର ସକାଳେ ପୋଲିସ ଚଢ଼ାଉ କରି ୧୯ ଲିଟର ରନ୍ଧା ମଦ ଜବତ କରିଛି। ଏହି ଘଟଣାରେ ଉକ୍ତ କ୍ୟାମ୍ପର ଏ. ସାବିତ୍ରୀଙ୍କୁ ଗିରଫ କରାଯାଇଛି। ଥାନାରେ ନଂ.୧୩୨/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ କହିଛନ୍ତି।

ବୈବାହିକ ସୁଖ ଓ ସୁଖଦ କ୍ଷଣଗୁଡ଼ିକର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ।
ଏକ୍ସଟ୍ରା ଟାଇମିଂ ପାଇଁ
TRADE ENQUIRY : 08657520093
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
www.playwincapsule.com
only Effect No Side Effect
Play Win Capsule
Play Win Oil
A Quality Product by Rajnish Wellness Limited A BSE Listed Company
ମୋତେ ଡାଇବେଟିସ୍ ଅଛି, ମୁଁ ପ୍ଲେ-ୱିନ୍ କ୍ୟାପସୁଲ ବ୍ୟବହାର କରିପାରିବି – ପ୍ଲେ ୱିନ୍ କ୍ୟାପ୍‌ସୁଲ ୧୦୦% ଆୟୁର୍ବେଦିକ ଦୁର୍ଲଭ ଚେରମୂଳିରୁ ପ୍ରସ୍ତୁତ, ଏଥିପାଇଁ ଏହାକୁ କେହି ବି ବ୍ୟବହାର କରିପାରିବେ। ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ ।
ତେଲ | କ୍ୟାପ୍‌ସୁଲ
SS : Mahendra Pharma / ODD
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

## ଚାଷୀ ଆତ୍ମହତ୍ୟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ

ଜଗନ୍ନାଥପ୍ରସାଦ,୨୩।୪(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ତହସିଲ ପଟାଧର ଗ୍ରାମର ଚାଷୀ ମହେଶ୍ୱର ସ୍ୱାଇଁ ସୋମବାର ବିଷ ପିଇ ଆତ୍ମହତ୍ୟା କରିଥିଲେ। ଜଗନ୍ନାଥପ୍ରସାଦ ଥାନାଧିକାରୀ ଭଞ୍ଜନଗର ମେଡିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ନଂ.୪/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ଭଞ୍ଜନଗର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଫସଲ କ୍ଷତିରୁ ମହେଶ୍ୱର ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ମଙ୍ଗଳବାର ସ୍ଥାନୀୟ ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ମୃତକଙ୍କ ପରିବାରଙ୍କୁ ଭେଟିଥିଲେ। ସନ୍ଧ୍ୟା ସମୟରେ ତହସିଲଦାର ବାସୁଦେବ ପାଣ୍ଡେ, ଅତିରିକ୍ତ ତହସିଲଦାର ବାରିଆଲ ମୁର୍ମୁ, ଏଏସ୍‌ଆଇ ପ୍ରଭାତି ବେହେରା ପଟାଧରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ସ୍ୱାଇଁଙ୍କ ନାମରେ ମାତ୍ର ଏକ ଭରଣ ଜମି ଥିବାବେଳେ ସେ ଭାଗ ଚାଷ କରୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ମାତ୍ର ଏନେଇ ତଦନ୍ତ ଚାଲିଛି ବୋଲି ତହସିଲଦାର କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସୂଚନା ଦେଇଛନ୍ତି।

# ପୂଜା ମଣ୍ଡପରେ ବିଜେ କଲେ ମା'

ବୁଗୁଡ଼ା,୨୩।୪(ଡି.ଏନ.ଏ.)

ବୁଗୁଡ଼ାରେ ୧୫ ଦିନିଆ ପଞ୍ଚ ଠାକୁରାଣୀ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଯାତ୍ରା ପାଇଁ ମଙ୍ଗଳବାର ଝୁଙ୍କାପଡ଼ା ମା' ମାଉଁଦେଇ, ବୁଗୁଡ଼ାର ମା' ବୁଢ଼ୀ ଠାକୁରାଣୀ, ମା' ନାରାୟଣୀ, ମା' ବ୍ୟାଘ୍ରଦେବୀ ଓ ମା' ମାଳିଖୋଲା ଠାକୁରାଣୀଙ୍କୁ ସ୍ୱାଗତ କରି ଆଣିବା ପାଇଁ ଶ୍ରଦ୍ଧାଳୁମାନେ ବ୍ରାହ୍ମଣଙ୍କ ସହ ସମ୍ପୃକ୍ତ ମନ୍ଦିରକୁ ଗମନ କରିଥିଲେ। ସେଠାରେ ପୂଜାର୍ଚ୍ଚନା, ଧୂପ ଦୀପ ନୈବେଦ୍ୟ ସମର୍ପଣ କରିବା ସହ ଠାକୁରାଣୀମାନଙ୍କୁ ସ୍ତୁତି କରାଯାଇଥିଲା। ଫଳରେ ଠାକୁରାଣୀଙ୍କ ମସ୍ତକରୁ ପୁଷ୍ପ ଖସିଥିଲା। ଠାକୁରାଣୀଙ୍କ ଆଜ୍ଞାମାଳ ଧରି ଶ୍ରଦ୍ଧାଳୁମାନେ ବାଦ୍ୟବାଜଣା ହରିବୋଲ ହୁଳହୁଳି ସହ ବ୍ୟାଘ୍ରଦେବୀଙ୍କ ମନ୍ଦିର ପରିସରରେ ଏକତ୍ରିତ ହୋଇ ସେଠାରେ ପଞ୍ଚ ଠାକୁରାଣୀଙ୍କ ରୀତିନୀତିରେ ବିଶେଷ ପୂଜାର୍ଚ୍ଚନା କରାଯିବା ପରେ ସନ୍ଧ୍ୟା ୭ଟାରେ ଠାକୁରାଣୀଙ୍କୁ ମସ୍ତକରେ ଧାରଣ କରି ଏକ ଶୋଭାଯାତ୍ରା ବାହାରିଥିଲା। ବାଦ୍ୟବାଜଣା, ବାଣ ପଟୁଆର ସହ ପଞ୍ଚ ମହାଦେବୀ ସହର ପରିକ୍ରମା କରିଥିଲେ। ପରେ ସହରର ପଞ୍ଚଶକ୍ତିଙ୍କୁ ବଡ଼ଦାଣ୍ଡରେ ନିର୍ମିତ ହୋଇଥିବା ସୁଦୃଶ୍ୟ ଯାତ୍ରା ମଣ୍ଡପରେ ବିରାଜମାନ କରାଯାଇଥିଲା। ଏହି ଅବସରରେ କଳସ ଯାତ୍ରା, ଘଟ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସ୍ଥାନରେ ପଞ୍ଚ ମହାଦେବୀ ବିଜେ କଲା ପରେ ବୈଦିକ ବ୍ରାହ୍ମଣ ନାରାୟଣ ଦାଶ, ମନୋଜ କୁମାର ଦାଶ, ବିଭୂତି ଭୂଷଣ ତ୍ରିପାଠୀ, ଦିଲୀପ ଦେବତା ଓ ଶିଶିର କୁମାର ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଯାତ୍ରା ମେ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ପ୍ରକାଶ।


ପଞ୍ଚଠାକୁରାଣୀଙ୍କୁ ସହର ପରିକ୍ରମା କରାଯାଉଛି।

**ବୁଗୁଡ଼ାରେ ପଞ୍ଚ ଠାକୁରାଣୀ ଯାତ୍ରା ଆରମ୍ଭ**

ବିଜେଡି ଦେଇଛି ମହିଳାଙ୍କୁ ତାଙ୍କ ହକ୍ ।

୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା ଓଡ଼ିଶାର୍ ହକ୍ ପାଇଁ ଲଢ଼ିବା ।

ଚଳିତ ଲୋକସଭା ନିର୍ବାଚନରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି। କେନ୍ଦ୍ର ଯୋଜନାରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଥିବା ବେଳେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ମିଳିବ ୧୦ ଲକ୍ଷ। 'ମିଶନ ଶକ୍ତି'ରେ ୫ ହଜାର କୋଟି ଟଙ୍କାର ବ୍ୟବସାୟ, ୫୦୦ କୋଟିର ଲାଭ। ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ।

ବିଜୁ ଜନତା ଦଳ

ନବୀନ ଓଡ଼ିଶା : ସଶକ୍ତ ମହିଳା ସଶକ୍ତ ଓଡ଼ିଶା

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ : ଏସପିଙ୍କ ଦ୍ୱାରସ୍ଥ ପରିବାର ବର୍ଗ

ନବରଙ୍ଗପୁର,୨୩।୪(ବି.ପ୍ର.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧିନ ଏକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି । ନାବାଳିକାଙ୍କ ବାପା ଡାବୁଗାଁ ଥାନାରେ ଅଭିଯୋଗ କରିବାର ୫ ଦିନ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ପରିବାର ଲୋକ ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ନାବାଳିକାଙ୍କୁ ଗଟିବେଡା ଗାଁର ଜଣେ ଯୁବକଙ୍କ ସହ ବିବାହ କରିବା ପାଇଁ ପ୍ରସ୍ତାବ ପଡିଥିଲା। ନାବାଳିକା ଜଣକ ତାଙ୍କ ପିଉସୀ ଘରକୁ ଯାଇଥିଲେ । ସେଠାରୁ ସେ ସନ୍ଧ୍ୟାରେ ପିଉସୀଙ୍କ ସମ୍ପର୍କିୟ ସହିତ ପରସବେଡା ଯାଇଥିଲା । ବାଇକରେ ଯିବା ସମୟରେ ଗାଁ ନିକଟସ୍ଥ ପୋଖରୀ ପାଖରେ ନାବାଳିକା ଓହ୍ଲାଇ ପଡିଥିଲା । ବକସାବେଡା ଚାଲିଯିବି କହି ସମ୍ପର୍କୀୟଙ୍କୁ ଫେରାଇ ଦେଇଥିଲା। ଏହି ସମୟରେ ମାଲବେଡାର ଜଣେ ଯୁବକ ଏକ ଚାରିଚକିଆ ଗାଡିରେ ଆସି ନାବାଳିକାକୁ ଜବରଦସ୍ତ ସାଥୀରେ ନେଇ ଯାଇଥିଲା । ଭାଲୁଡଙ୍ଗରି ଗାଁର ଜଣେ ଯୁବକଙ୍କ ନିକଟରେ ନାବାଳିକାଙ୍କୁ ଛାଡିଥିଲା। ଯୁବକ ଜଣକ ନାବାଳିକାକୁ ସ୍ତ୍ରୀ ଭାବେ ଗ୍ରହଣ କରି ରଖିଛି । ଏସମ୍ପର୍କରେ ଗତ ୧୮ ତାରିଖରେ ନାବାଳିକାଙ୍କ ବାପା ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି । ଝିଅଙ୍କୁ ବାପା ଗଟିବେଡାରେ ବିବାହ କରିବାକୁ ଚାହୁଁଥିବାବେଳେ ନାବାଳିକା ସେଠାରେ ବିବାହ କରିବାକୁ ପସନ୍ଦ କରୁ ନାହିଁ। ଉକ୍ତ ଯୁବକଙ୍କୁ ବିବାହ କରିବାକୁ ଚାହୁଁଛି । ଏହାକୁ ନେଇ ବିବାଦ ଦେଖା ଦେଇଛି । ଝିଅର ବିବାହ ବୟସ ହୋଇନଥିବାରୁ ତୁରନ୍ତ ଫେରାଇ ଆଣିବାକୁ ଥାନାରେ ନାବାଳିକାର ବାପା ଅଭିଯୋଗ କରିଛନ୍ତି । ଦୀର୍ଘ ୫ ଦିନ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ନାବାଳିକାଙ୍କ ମାଆ, ବାପା ଓ ଗ୍ରାମବାସୀ ନବରଙ୍ଗପୁର ମାଆ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କୁ ଭେଟି ଘଟଣା ସମ୍ପର୍କରେ କହିଥିଲେ । ଏହି ଘଟଣା ପରେ ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ନାବାଳିକାକୁ ଉଦ୍ଧାର କରି ମାଆ ବାପାଙ୍କ ନିକଟରେ ଛାଡିବା ପାଇଁ କାଦମ୍ବିନୀ ଦାବି କରିଛନ୍ତି।

### କୀଟନାଶକ ପିଇ ଛାତ୍ରଙ୍କ ଆତ୍ମହତ୍ୟା

ରାଇଘର,୨୩।୪(ଡି.ଏନ.ଏ): ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ମହଣ୍ଡ ପଞ୍ଚାୟତର ଗୁରସିଙ୍ଘା ଟୋଲା ଗ୍ରାମର ସୁଜନ ରାୟ (୧୬) କୀଟନାଶକ ପିଇ ସୋମବାର ଆତ୍ମହତ୍ୟା କରିଛନ୍ତି । ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡି ନାହିଁ। ଗୁରସିଙ୍ଘା ଟୋଲା ଗ୍ରାମର ପ୍ରନବେସ ରାୟଙ୍କ ପୁଅ ସୁଜନ ଡୁମରିମୁଣ୍ଡା ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ । ସୋମବାର ଅପରାହ୍ନ ୩ଟାରେ ସୁଜନ ଖାଇସାରି ନିଜ ମକା ଜମିକୁ ଯାଉଛି କହି ଘରୁ ଚାଲି ଯାଇଥିଲେ । ସନ୍ଧ୍ୟା ହେବା ପରେ ସୁଜନ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜା ଖୋଜି କରିଥିଲେ । ସୁଜନ ଅଚେତ ଅବସ୍ଥାରେ ମକା ଜମିରେ ପଡିଥିବା ପ୍ରନବେସ ଦେଖିଥିଲେ। ସୁଜନଙ୍କ ପାଟିରୁ ଦୁର୍ଗନ୍ଧ ଫେଣ ବାହାରୁଥିବା ଦେଖି ତୁରନ୍ତ ରାଇଘର ମେଡିକାଲକୁ ନେଇ ଥିଲେ । ଚିକିତ୍ସା ସମୟରେ ସୁଜନ ମକା ଜମିରେ ବ୍ୟବହୃତ ହେବାକୁ ଥିବା କୀଟନାଶକକୁ ପିଇ ଆତ୍ମହତ୍ୟା କରିଥବା ଜଣା ପଡିଥିଲା। କିଛି ସମୟ ପରେ ସୁଜନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ମେଡିକାଲରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର

# ମେ ୨୩ ଫଳାଫଳ ଘୋଷଣାକୁ ନେଇ ଚର୍ଚ୍ଚା

- ଜିତିବା ଆଶାରେ ବିଜେଡି, କଂଗ୍ରେସ, ଭାଜପା ପ୍ରାର୍ଥୀ
- ୧୬ ଲୋକସଭା ନିର୍ବାଚନରେ କଂଗ୍ରେସରୁ ୧୧
- ବିଜେଡିରୁ ୨, ଭାଜପାରୁ ଜଣେ ଏମ୍‌ପି ନିର୍ବାଚିତ

ବ୍ରହ୍ମପୁର ଅଫିସ,୨୩।୪

ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ନିର୍ବାଚନ ଓ ଭୋଟ ଗ୍ରହଣକୁ ୧୩ ଦିନ ପୂରିଛି। ଫଳାଫଳ ଘୋଷଣାକୁ ମାସେ ବାକି ରହିଛି । ଏହି ଆସନରେ ୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ମୁଖ୍ୟତଃ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଛି । ଏହି ୩ ଦଳର ନୂଆ ପ୍ରାର୍ଥୀମାନେ ମଇଦାନକୁ ଓହ୍ଲାଇଥିଲେ। କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ଚନ୍ଦ୍ରଶେଖର ସାହୁଙ୍କୁ ବିଜେଡି ଟିକେଟ ମିଳିଥିଲା। ସେ ରାଜନୀତିରେ ପୁରୁଣା ଖେଳାଳି ହୋଇଥିବା ଏବଂ ୨୦୦୯ ଓ ୨୦୧୪ ରେ ଏହି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସରୁ ଲଢ଼ି ପରାଜିତ ହୋଇଥିଲେ। ଅପରପକ୍ଷରେ ଏହି ଆସନରୁ ଲଗାତର ଦୁଇଥର ବିଜେଡି ପ୍ରାର୍ଥୀ ଏମ୍‌ପି ହୋଇଥିବାରୁ ଏଥର ମଧ ଜିତି ବିଜେଡି ହାଟ୍ରିକ କରିବାର ଆଶା ରଖିଛି ଦଳ ।

ସେହିପରି ଦିଲ୍ଲୀରେ ରହୁଥିବା ଶିଳ୍ପପତି ଭି. ଚନ୍ଦ୍ରଶେଖର ନାଇଡୁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ରାଜନୀତିରେ ନୂଆ କରି ପାଦ ଥାପିଥିବା ନାଇଡୁ ପ୍ରଥମ କରି ନିର୍ବାଚନ ଲଢ଼ିଛନ୍ତି। ଏହି ଲୋକ ସଭା କ୍ଷେତ୍ରରେ ସେ ନୂଆ ହୋଇଥିଲେ ମଧ୍ୟ ପୁରୁଣା ଜାତୀୟ ଦଳର ପ୍ରାର୍ଥୀ ହୋଇଥିବାରୁ ସେ ମଧ ସଫଳତା ପାଇବାର ଗଭୀର ଆଶା ପ୍ରକଟ କରିଛନ୍ତି ।

ସୂଚନାଯୋଗ୍ୟ, ୧୯୫୧-୫୨ରୁ ୨୦୧୪ ମଧ୍ୟରେ ହୋଇଥିବା ୧୬ଟି ଲୋକ ସଭା ନିର୍ବାଚନ ମଧ୍ୟରୁ କଂଗ୍ରେସରୁ ୧୧ ଏମ୍‌ପି ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ଭାଜପା ମଧ ଭୃଗୁ ବକ୍ସିପାତ୍ରଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେଇଛି। ସେ ଏହି ଅଞ୍ଚଳର ହୋଇ ନ ଥିଲେ ମଧ ରାଜ୍ୟ ସଂଗଠନର ସାଧାରଣ ସମ୍ପାଦକ ହୋଇଥିବାରୁ ତାଙ୍କୁ ପ୍ରାର୍ଥୀ କରାଯାଇଛି। ବିଜେଡି ସହ ମେଣ୍ଟ ଥିବା ବେଳେ ଏହି ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ଅନାଦି ସାହୁ ୧୯୯୯ ନିର୍ବାଚନରେ ବିଜେଡି ସମର୍ଥନରେ ଏମ୍‌ପି ହୋଇଥିଲେ। ୨୦୦୪ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ର ଶେଖର ସାହୁଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୨୦୦୯ ଓ ୨୦୧୪ ନିର୍ବାଚନରେ ଏକାକି ଲଢ଼ି ଭାଜପା ପ୍ରାର୍ଥୀମାନେ ଚିତ୍‌ପଟାଙ୍ଗ ହୋଇ ତୃତୀୟ ସ୍ଥାନରେ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଜନ ସମର୍ଥନ ଥିବା ଏବଂ ବିଜେଡି ସରକାରର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱି ହୋଇଥିବାରୁ ଏଥର ଭାଜପା ବାଜିମାତ କରି ବିଜେଡି ଓ କଂଗ୍ରେସକୁ ଝଟକା ଦେବାର ଗଞ୍ଜାମ ଓ ଗଜପତି ଜିଲା ଭାଜପା ସଂଗଠନ ନେତା ଓ କର୍ମୀ ଆଶାବାଦୀ ଅଛନ୍ତି ।

ସେହିପରି ୨୦୧୪ ନିର୍ବାଚନରେ ଏହି ଲୋକ ସଭା ଅନ୍ତର୍ଗତ ମୋହନା, ଦିଗପହଣ୍ଡି, ଚିକିଟି, ଗୋପାଳପୁର, ବ୍ରହ୍ମପୁର ଓ ଛତ୍ରପୁର ବିଧାନସଭା ଆସନରେ ବିଜେଡି ଏବଂ ପାରଳାଖେମୁଣ୍ଡିରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ । ଏମ୍‌ପି ପ୍ରାର୍ଥୀ ସିଦ୍ଧାନ୍ତ ମଧ ଦ୍ୱିତୀୟ ଥର ବିଜେଡିରୁ ଜିତିଥିଲେ। ୨୦୦୯ ଏବଂ ୨୦୧୪ ନିର୍ବାଚନରେ ଏହି ଲୋକ ସଭା କ୍ଷେତ୍ରରେ ଖାତା ଖୋଲି ପାରି ନ ଥିଲା ଭାଜପା। ୨୦୧୯ ନିର୍ବାଚନର ମେ ୨୩ରେ ଫଳାଫଳ ଘୋଷଣା ହେବାକୁ ଥିବା ବେଳେ ଏବେ ବ୍ରହ୍ମପୁର ସହର ସମେତ ବିଭିନ୍ନ ସ୍ଥାନରେ ମୁଖ୍ୟତଃ ୩ ପ୍ରାର୍ଥୀଙ୍କ ହାରଜିତ୍ ନେଇ ଜୋର୍ ଧରିଛି ଚର୍ଚ୍ଚା। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ରାଜନୈତିକ ଦକ୍ଷତା ଏବଂ ବ୍ୟକ୍ତିତ୍ୱକୁ ନେଇ ସବୁ ଖଟିରେ ଆଲୋଚନା, ପର୍ଯ୍ୟାଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ଲୋକ ସଭା ଆସନର ସମୁଦାୟ ୧୪ ଲକ୍ଷ ୬୮ ହଜାର ୪୪୭ ଭୋଟରଙ୍କ ମଧ୍ୟରୁ ୬୫.୫୭% ମତଦାନ ହୋଇଛି। ଅଧିକ ମତଦାନ ହୋଇଥିବାରୁ ୩ ପ୍ରମୁଖ ଦଳ ଜିତିବା ଆଶା ରଖିଛନ୍ତି। ଗତ ୫ ବର୍ଷରେ ତାଲିକାଭୁକ୍ତ ହୋଇଥିବା ୧.୫୧ ଲକ୍ଷାଧିକ ନୂଆ ଭୋଟର ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକ ଚର୍ଚ୍ଚା କରୁଛନ୍ତି। ଭବିଷ୍ୟତ ଫଳାଫଳ ନେଇ ବିଭିନ୍ନ ମହଲରେ ଅଙ୍କକଷା ମଧ ଜୋର ଧରିଛି ।

## ସେଲ୍ଫି କର୍ଣ୍ଣର


ଅମର


ନିର୍ମଳ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ପ୍ରମିଳା ଥିଲେ ଜଣେ ମହାନ ମହିଳା ସଙ୍ଗଠିକା

ନବରଙ୍ଗପୁର,୨୩।୪(ଡି.ଏନ୍.ଏ.)

ନବରଙ୍ଗପୁର ସାହିତ୍ୟିକ ଭାଗୀରଥି ପାତ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ କବୟତ୍ରୀ ପ୍ରମିଳା ପଟ୍ଟନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସମ୍ପାଦକ ରାମ ପ୍ରସାଦ ପାତ୍ର ଅତିଥି ପରିଚୟ ଦେଇଥିଲେ। ରାଜ୍ୟ ସଭାର ପୂର୍ବତନ ଏମ୍‌ପି (ରାଜ୍ୟସଭା) ଏ.ଭି. ସ୍ୱାମୀ, ବିଶିଷ୍ଟ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ବରିଷ୍ଠ କବି ନାରାୟଣ ପଣ୍ଡା,ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା କବି ଜେମାମଣି ବିଷୋୟୀ, ସରକାରୀ ଅଧିବକ୍ତା ଏନ୍. ଅହମ୍ମଦ ଓ କେଦାରନାଥ ତ୍ରିପାଠୀ ମଞ୍ଚାସୀନ ରହି କବିଙ୍କ ସ୍ମୃତିଚାରଣ କରିଥିଲେ। ଯେତେବେଳେ ଅବିଭକ୍ତ କୋରାପୁଟ ଜିଲା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଯେତେବେଳେ ଏହି ଅଞ୍ଚଳ ବାହ୍ୟ ଜଗତ ପାଇଁ ସମ୍ପୂର୍ଣ୍ଣ ଦୁର୍ଗମ ଥିଲା ଏବଂ ମହିଳାମାନଙ୍କୁ ଘରୁ ବାହାରକୁ ଯିବା ପାଇଁ ଏକ ସାମାଜିକ ପ୍ରତିବନ୍ଧକ ଥିଲା। ସେହି ସମୟରେ ୧୯୬୧ ମସିହା ବେଳକୁ କବି ପ୍ରମିଳା ଗୃହ ଲକ୍ଷ୍ମୀ ମହିଳା ସଂଗଠନ ଗଠନ କରି ଜିଲାର ଯୁବତୀମାନଙ୍କ ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ଥିବା ପ୍ରତିଭାକୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଏକ ପ୍ରେରଣାର ଉତ୍ସ ଥିଲେ। ମାନ ଭଞ୍ଜନ ମଞ୍ଚ ନାଟକ ସଂଗଠନ ଗଠନ କରି ସେ ବେଶ୍ ଜନାଦୃତ ହୋଇଥିଲେ। ସେ ବନଜାଗରଣ ସାହିତ୍ୟ ସଂସଦ ତଥା ଅନେକ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ସହ ଜଡିତ ରହି କଳା, ସଂସ୍କୃତି ଓ ସାହିତ୍ୟର ବାର୍ତ୍ତାକୁ ଅବିଭକ୍ତ କୋରାପୁଟ ଜିଲାର କୋଣ ଅନୁକୋଣରେ ପହଞ୍ଚାଇଥିଲେ। ନବରଙ୍ଗପୁର ମଠ ଓ ମନ୍ଦିର ସହ ସେ ନିଜକୁ ଜଡ଼ିତ ରଖି ଆଧାତ୍ମିକ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ଅତିଥିମାନେ କହିଥିଲେ। ଚନ୍ଦ୍ର ତ୍ରିପାଠୀ, ସହଦେବ ପରିଡ଼ା, ଦୁର୍ଗା ପ୍ରସାଦ ପାଢ଼ୀ, ରତିକାନ୍ତ ଦୁବେ, ମନୋଜ କୁମାର ପଟ୍ଟନାୟକ ପ୍ରମୁଖ କବି ପ୍ରମିଳାଙ୍କ ସ୍ମୃତିଚାରଣ କରିଥିଲେ।


 କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ପୋଲିସ ପରିଚୟ ଦେଇ ଯୁବକଙ୍କୁ ଅପହରଣ ଅଭିଯୋଗ

ଗୋପାଳପୁର, ୨୩।୪

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁବକ ଧାର ଟଙ୍କା ଫେରସ୍ତ ନ କରିବାରୁ ତାଙ୍କ ଭାଇଙ୍କୁ ପୋଲିସ ପରିଚୟ ଦେଇ ବନ୍ଧୁକ ଦେଖାଇ ଅପହରଣ କରି ନିସ୍ଠୁକ ମାଡ଼ ମାରିଥିବା ଗୋଳନ୍ଥରା ଥାନାରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୨୨/୧୯ରେ ମାମଲା ରୁଜୁ କରାଯାଇଛି।

ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ କନିଷି ହାଟ ଗ୍ରାମର ନିରଞ୍ଜନ ସାହୁ ୬ବର୍ଷ ତଳେ ରଣ୍ଡାଗ୍ରାମର ପ୍ରଭାକର ଦାସଙ୍କଠାରୁ ୨ଲକ୍ଷ ୨୦ ହଜାର ଟଙ୍କା ଧାର ନେଇଥିଲେ। ଏହି ଟଙ୍କା ଠିକ୍ ସମୟରେ ନିରଞ୍ଜନ ପ୍ରଭାକରଙ୍କୁ ଫେରାଇ ପାରି ନ ଥିଲେ। ଏ ନେଇ ପ୍ରଭାକର ବାରମ୍ବାର ନିରଞ୍ଜନଙ୍କୁ ଟଙ୍କା ମାଗିଥିଲେ ସୁଦ୍ଧା ସେ ନ ଦେଇ ଦିନ ଗଡାଇ ଚାଲିଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ୪ ଜଣ ବ୍ୟକ୍ତି ଏକ ଗାଡ଼ି (ନଂ. ଓଡି୦୫ଏଏଚ୍୪୬୮୦)ରେ କନିଷି ହାଟରେ ନିରଞ୍ଜନଙ୍କ ସାନ ଭାଇ ନାରାୟଣଙ୍କ ହୋଟେଲକୁ ଆସି ଧମକ ଚମକ ଦେଇଥିଲେ । ପରେ ତାଙ୍କ ବଡଭାଇଙ୍କ ସମ୍ପର୍କରେ ପଚାରିଥିଲେ। ସେଠାରୁ ନାରାୟଣଙ୍କୁ ବନ୍ଧୁକ ଦେଖାଇ ଅପରହଣ କରି ନେଇ ନିରଞ୍ଜନ କେଉଁଠି ଅଛନ୍ତି ବୋଲି କହି ବ୍ରହ୍ମପୁର ନେଇଯାଇଥିଲେ। ଏହି ସମୟରେ ନାରାୟଣଙ୍କୁ ନିସ୍ଠୁକ ମାଡ଼ ମାରିଥିବା ମଧ ଅଭିଯୋଗ ହୋଇଛି। ପୁଣି ସନ୍ଧ୍ୟା ୭ଟାରେ ନାରାୟଣଙ୍କ କନିଷି ହାଟସ୍ଥିତ ଘରକୁ ଆସି ଧାର ଟଙ୍କା ନେଇଥିବା ସମ୍ପର୍କରେ ବଣ୍ଡ ପେପରରେ ଦସ୍ତଖତ କରିବାକୁ ତାଙ୍କ ମା'ଙ୍କୁ ମଧ କହିଥିଲେ। ଏ ନେଇ ନାରାୟଣ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏଥିସହ ଗୋଳନ୍ଥରା ପୋଲିସ ୪ ଜଣଙ୍କୁ ଅଟକ ରଖି ପରେ ଛାଡ଼ିଦେଇଥିବା ଜଣାପଡ଼ିଛି।

କାଳବୈଶାଖୀ ପ୍ରଭାବ

# ଆମ୍ବଗଛ ପଡ଼ି ଦୋକାନ ଘର ଭାଙ୍ଗିଲା

ଗଣିଆ,୨୩।୪(ଡି.ଏନ.ଏ.)

ଗଣିଆ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବହୁ ଗଛ ଭାଙ୍ଗିଯିବା ସହ କେତେକ ଘର ନଷ୍ଟ ହୋଇଯାଇଛି। କାଳବୈଶାଖୀ ପ୍ରଭାବରେ ବହୁ ଜୋରରେ ପବନ ବହିବାରୁ ଡଙ୍କାରିସାହି ଛକରେ ଥିବା ଆମ୍ବଗଛ ଭାଙ୍ଗି ନିକଟରେ ଥିବା ଏକ ଜଳଖିଆ ଓ ପାନ ଦୋକାନ ଉପରେ ପଡିବାରୁ ଦୋକାନ ୨ଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଦୋକାନରେ ଥିବା ଆସବାବପତ୍ର, ଏକ ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଥିବା ଦୋକାନୀ ସନ୍ତୋଷ ସାହୁ କହିଛନ୍ତି। ଏଥିସହ କାଳବୈଶାଖୀ ପ୍ରଭାବରେ ଗଣିଆ ବଜାରସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ରାମଲୀଳା ରଙ୍ଗମଞ୍ଚର ଟେଣ୍ଟ ଛପର ଉଡିଯାଇ କ୍ଷତିଗ୍ରସ୍ତ ହୋଇଛି। ଗତ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଛାଡମୂଳ ଗ୍ରାମର ସୁଶାନ୍ତ ଗୁରୁଙ୍କ ୨ବଖରା ଚାଳଛପର ଉଡିଯାଇ ନଷ୍ଟ ହୋଇଛି । ଗତ ୩ଦିନ ଧରି ଅପରାହ୍ନରେ ଘଡଘଡି ସହ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି ।


ଭାଙ୍ଗିଯାଇଥିବା ଦୋକାନ ଘର।

# ଅବ୍ୟବସ୍ଥା ଘେରରେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ନୂଆଗାଁ,୨୩।୪(ଡି.ଏନ.ଏ.)

ନୟାଗଡ ଜିଲା ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତା ଅଧୀନରେ ଥିବା ୪ ଗୋଟି ସରକାରୀ ଚିକିତ୍ସାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ରହିଛି। ଏଥିନେଇ ଅଞ୍ଚଳବାସୀ ଯେତେ ଆପତ୍ତି ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ ହେଉନାହିଁ।

ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛି ବାହାଡାଝୋଲା ସରକାରୀ ଚିକିତ୍ସାଳୟ, ଡିମିରିପଲି ସରକାରୀ ଚିକିତ୍ସାଳୟ, ଜଗନ୍ନାଥପ୍ରସାଦ ସରକାରୀ ଚିକିତ୍ସାଳୟ, ନୂଆଗାଁ ସରକାରୀ ଚିକିତ୍ସାଳୟ। ପ୍ରତି ଚିକିତ୍ସାଳୟରେ ଡାକ୍ତର ଅଭାବ ସହିତ ବିଭିନ୍ନ ସମସ୍ୟା ରହିଛି । ନୂଆଗାଁ ବ୍ଲକ ୨୨ ପଞ୍ଚାୟତର ଏକ ପ୍ରମୁଖ ଚିକିତ୍ସାଳୟ ଭାବେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚିତ। ଯେଉଁଠି ପ୍ରତିଦିନ ଦେଢଶହରୁ ଦୁଇଶହ ରୋଗୀ ଚିକିତ୍ସିତ ହେବା ପାଇଁ ଆସିଥାଆନ୍ତି । କିନ୍ତୁ ଡାକ୍ତର ଅଭାବ ଯୋଗୁଁ ଠିକ୍ ଭାବେ ଚିକିତ୍ସା ହୋଇ ନ ପାରି ନିରାଶରେ ଫେରିଯିବା ପାଇଁ ବାଧ୍ୟ ହେବା ସହ ପୁନର୍ବାର ଏଠାକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ମହିପୁର ଚିକିତ୍ସାଳୟରେ ଜଣେ ମେଡିକାଲ ଅଫିସରଙ୍କ ବ୍ୟତୀତ ପ୍ରତି ବିଭାଗର ଜଣେ ଲେଖାଏଁ ଏପରି ମୋଟ ୬ ଜଣ ଏମବିବିଏସ ଡାକ୍ତର ଓ ୨ ଜଣ ଆୟୁଷ ଡାକ୍ତର ରହିବା କଥା । କିନ୍ତୁ ଏଠାରେ ୩ ଜଣ ଡାକ୍ତର ଓ ଜଣେ ଆୟୁଷ ଡାକ୍ତରଙ୍କ ଅଭାବ ରହିଛି । ପ୍ରତି ଡାକ୍ତରଖାନାରେ ଜଣେ ଏମବିବିଏସ ଡାକ୍ତର ଓ ଜଣେ ଆୟୁଷ ଡାକ୍ତର ରହିବା ନିୟମ ଥିବା ବେଳେ ନୁଆଗାଁ ଡାକ୍ତରଖାନାରେ ଦିର୍ଘ ୨ ବର୍ଷ ହେଲା କୌଣସି ଡାକ୍ତର ନାହାନ୍ତି। ଜଣେ ଫାର୍ମାସିଷ୍ଟଙ୍କୁ ନେଇ ଚାଲିଛି ଡାକ୍ତରଖାନା। ବାହାଡାଝୋଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅଧିକ ଆଦିବାସୀ ଲୋକ ନିର୍ଭର କରୁଥିବା ଯୋଗୁଁ ତାହାକୁ ନବୀକରଣ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ନାମକରଣ କରାଯାଇ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଆୟୁଷ ଡାକ୍ତରଙ୍କ ଅଭାବ ପୂରଣ କରାଯାଇନାହିଁ। ସେହିପରି ଡିମିରିପଲିରେ ଜଣେ ଆୟୁଷ ଡାକ୍ତର, ଜଗନ୍ନାଥ ପ୍ରସାଦରେ ଏମବିବିଏସ ଡାକ୍ତରଙ୍କ ଅଭାବ ରହିଛି। ଜଗନ୍ନାଥପ୍ରସାଦ ଡାକ୍ତରଖାନାରେ



ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର।

### ୪ ସରକାରୀ ଡାକ୍ତରଖାନା

ରୋଗୀ ଦେଖିବା ପାଇଁ କିମ୍ବା ଚିକିତ୍ସା କରିବା ପାଇଁ ଗୃହ ମଧ୍ୟ ନାହିଁ । ଡାକ୍ତର ରହିବା ପାଇଁ କ୍ୱାଟର୍ସ ନିର୍ମାଣ କାର୍ଯ୍ୟ ସରି ଗୃହ ପୁରୁଣା ହେବାକୁ ବସିଥିଲେ ମଧ୍ୟ ତାହା ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଉ ନାହିଁ । ଫଳରେ ଡାକ୍ତର ବାହାରେ ଘରଭଡା ନେଇ ରହୁଥିବା ଯୋଗୁଁ ରୋଗୀ ଦେଖିବାରେ ବ୍ୟାଘାତ ସୃଷ୍ଟି ହେଉଛି । ସରକାରୀ ଡାକ୍ତରଖାନାଗୁଡିକର ଏପରି ଅବ୍ୟବସ୍ଥା ଯୋଗୁଁ ଲୋକମାନଙ୍କ ଭରଷା ତୁଟିଯାଉଛି । ତେଣୁ ନୂଆଗାଁ ବ୍ଲକର ଗରିବ ଜନ ସାଧାରଣ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରୁ ବଞ୍ଚିତ ହୋଇ ଜମିବାଡି ବିକ୍ରୀ କରି ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ପାଇଁ ବାଧ୍ୟ ହେଉଛନ୍ତି। ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଯଜ୍ଞଦତ୍ତ ରଥ କୁହନ୍ତି ଆମେ ପ୍ରତି ଡାକ୍ତରଖାନାରେ ଡାକ୍ତର ଦେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ, ନିର୍ବାଚନ ପରେ ଜଣାପଡିବ। ସେହିପରି ଉକ୍ତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣିର ଅଭାବ ରହିଥିବା ଚିକିତ୍ସାଧିକାରୀ ରଥ ମଧ୍ୟ କହିଛନ୍ତି।

## ସଂକ୍ଷେପରେ

### ବିଜିପୁର ପାରମ୍ପରିକ ଲଣ୍ଡା ବେଶ ୨୫ରେ

**ବ୍ରହ୍ମପୁର ଅଫିସ,୨୩।୪:** ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ଅବସରରେ ବିଜିପୁରର କଳିକାଳ ଗୌରାଙ୍ଗୀୟ ମତ ପ୍ରଚାର ସଂଘ ଏବଂ ଦରିଦ୍ର ପଞ୍ଚାକ୍ଷର ପାର୍ଟିର ଲଣ୍ଡା ବେଶ ୨୫ ତାରିଖ ସନ୍ଧ୍ୟାରେ ସହର ପରିକ୍ରମା କରିବ । ସୂଚନାଯୋଗ୍ୟ, ୧୯୩୩ ମସିହାରୁ ଏହି ବେଶ ସବୁ ଯାତ୍ରାରେ ବାହାରିବାର ପରମ୍ପରା ରହିଛି । ଶତାଧିକ ଶିଶୁଠାରୁ ବୃଦ୍ଧ ମୁଣ୍ଡନ ହୋଇ ବିଭିନ୍ନ ବେଶ ପକାନ୍ତି । ଯାତ୍ରା ଶେଷ ପର୍ଯ୍ୟାୟରେ ଏହି ବେଶ ବିଜିପୁରରୁ ବାହାରି ମା'ଙ୍କ ଅସ୍ଥାୟୀ ପୀଠ ତଥା ଯାତ୍ରା ସ୍ଥଳକୁ ଯାଇଥାଏ । ସେହିପରି ୧୯୩୭ ରୁ ବିଜିପୁର ବୁଦ୍ଧବେଶ ଆରମ୍ଭ ହୋଇଛି । ବୌଦ୍ଧ ଧର୍ମ ପ୍ରଚାର ସଂଘ ପକ୍ଷରୁ ଏହି ବେଶ ଆସନ୍ତା ୨୮ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସମ୍ପୃକ୍ତ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ବେଶରେ ମଧ ଶତାଧିକ ଶିଶୁ ଓ ବୟସ୍କ ବ୍ୟକ୍ତି ସାମିଲ ହୋଇଥାନ୍ତି । ସହର ପରିକ୍ରମା ବେଳେ ଲଣ୍ଡା ଓ ବୁଦ୍ଧ ବେଶ ଦେଖିବା ପାଇଁ ଉତ୍କଣ୍ଠାର ସହ ଶ୍ରଦ୍ଧାଳୁ ଓ ଦର୍ଶକମାନେ ଅପେକ୍ଷା କରିଥାନ୍ତି । ଦୁଇ ବେଶ ପକାଇବା ପାଇଁ ମାନସିକ ବ୍ରତଧାରୀ ଆଗୁଆ ନାମ ପଞ୍ଜୀକରଣ କରିବା ନିୟମ ରହିଛି ।

### ସୀତାରାମ କଲ୍ୟାଣ ମହୋତ୍ସବ ସମାପନ

**ବ୍ରହ୍ମପୁର ଅଫିସ,୨୩।୪:** ସ୍ଥାନୀୟ ଶ୍ରୀରାମ ମନ୍ଦିରମ୍ ଭକ୍ତ ସମିତି ଆନୁକୂଲ୍ୟରେ ଆକୁଲା ସାହିସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗତ ମହାବିଷୁବ ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ୧୦ ଦିନିଆ ସୀତାରାମ କଲ୍ୟାଣ ମହୋତ୍ସବ ମଙ୍ଗଳବାର ଶେଷ ହୋଇଛି। ଅନ୍ତିମ ଦିବସରେ ଅନୁଷ୍ଠିତ ହନୁମାନ ଚାଳିଶାରେ ଶହ ଶହ ତେଲୁଗୁ ମହିଳା ଓ ପୁରୁଷ ଏବଂ ଓଡ଼ିଆମାନେ ସାମିଲ ହୋଇଥିଲେ। ଏହି ୧୦ ଦିନିଆ ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତିଦିନ ମହାନଗରର ସୀତାରାମ ଭକ୍ତମାନେ ଧାଡ଼ି ଲଗାଇ ଦର୍ଶନ କରିଥିଲେ। ଏଥିପାଇଁ ଭାପୁର ବଜାର ଓ ଆକୁଲା ସାହି ଉତ୍ସବମୁଖର ହୋଇଥିଲା। ମଙ୍ଗଳବାର ହୋଇଥିବା ପ୍ରସାଦ ତଥା ଅନ୍ନଯଜ୍ଞରେ ଶହ ଶହ ଲୋକ ଯୋଗ ଦେଇଥିଲେ। ବ୍ରହ୍ମପୁର ପୌର ପରିଷଦ ପ୍ରାକ୍ତନ ନଗରପାଳ ପି. ଭୀମୁଡୁ ଏବଂ ଭକ୍ତ ସମିତି କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

### ଜାଲ ନୋଟକୁ ନେଇ ଲୋକେ ଛାନିଆ

ରାୟଗଡ (ଗଜପତି),୨୩।୪(ଡି.ଏନ୍.ଏ.): ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ସମେତ ବିଭିନ୍ନ ଅଞ୍ଚଳରେ ଜାଲ ନୋଟ କାରବାର ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏହାକୁ ନେଇ ବ୍ୟବସାୟୀ ଓ ଲୋକଙ୍କ ମଧ୍ୟରେ ଛନକା ପଶିଛି। ରାୟଗଡ ବଜାର ସମେତ ଆଖପାଖ ଅଞ୍ଚଳକୁ ୫ଶହ, ୨ଶହ, ଶହେ ଏବଂ ପଚାଶ ଟଙ୍କିଆ ଜାଲ ନୋଟ୍ ଆସୁଥିବା ଆଲୋଚନା ହେଉଛି। ଫଳରେ ବ୍ୟବସାୟୀମାନେ ବର୍ତ୍ତମାନ ନୋଟଗୁଡ଼ିକୁ ଭଲ ଭାବେ ତନଖି କରି ରଖୁଛନ୍ତି। ଯଦି କୌଣସି ନୋଟ ଉପରେ ସନ୍ଦେହ ହେଉଛି ତେବେ ତାହାକୁ ରଖିବାକୁ ସିଧା ସଳଖ ମନା କରି ଦେଇଥିବା ଦେଖିବାକୁ ମିଳିଛି। ନିର୍ବାଚନ ପରେ ଏହି ଜାଲ ନୋଟ କାରବାର ବଢ଼ିଥିବା ଆଲୋଚନା ହେଉଛି। ତେବେ ଜାଲ ନୋଟ କାରବାର ନେଇ ରାୟଗଡ଼ ଥାନାରେ ଅଭିଯୋଗ ହୋଇନାହିଁ।







ମାନସିକଧାରୀଙ୍କ କୃଷ୍ଣ ବଳରାମ ବେଶ । ମାନସିକ ଧାରୀଙ୍କ ଭଲ୍ଲୁକ ବେଶ । ମାନସିକ ଧାରୀଙ୍କ ବାମନ ଅବତାର ବେଶ । ଶିଶୁ ବାଘ ବେଶଧାରୀଙ୍କ ନୃତ୍ୟ ପରିବେଶଣ । ତୁଳସୀନଗରରୁ ମଙ୍ଗଳବାର ବାହାରିଥିବା ବୀର ହନୁମାନ ବେଶଧାରୀ ଦଳ ।

# ଯାତ୍ରା ଦାଣ୍ଡରେ ୧୪ ରଥ, ୨୫ କଳାକୁଞ୍ଜ

**■ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ସାହି**
**■ମନମୋହୁଛି ବିଭିନ୍ନ ବେଶ**

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରା ମଙ୍ଗଳବାର ୨୫ ଦିନରେ ପହଞ୍ଚିଛି । ଯାତ୍ରା ଅବଧି କମୁଥିବା ବେଳେ ମଙ୍ଗଳବାର ସୁଦ୍ଧା ଯାତ୍ରା ଦାଣ୍ଡକୁ ଓହ୍ଲାଇ ସାରିଛି ୧୪ ରଥ ଓ ୨୫ କଳାକୁଞ୍ଜ । ଫଳରେ ଏବେ ସାହିଗୁଡିକ ଉତ୍ସବମୁଖର ହୋଇଉଠିଛି । ରଙ୍ଗିନ ଆଲୋକମାଳା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହରର ପ୍ରତି ଗଳି କମ୍ପୁଛି । ଅନ୍ୟପଟରେ ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଯାତ୍ରା ଦାଣ୍ଡ ଓ ମା'ଙ୍କ ଘଟ ପରିକ୍ରମାରେ ବାଘ, ଛୋଡଗାଜିଆ ବେଶଧାରୀ ସାମିଲ ହୋଇ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳୁଛି । ଯାତ୍ରାକୁ ଆଉ ୬ ଦିନ ବାକିଥିବା ବେଳେ ମଙ୍ଗଳବାର ପୁଣି ଦୁଇ ରଥ ଯାତ୍ରା ମଇଦାନକୁ ଓହ୍ଲାଇଛି। ରାତିରେ ଘଟ ପରିକ୍ରମା ବେଳେ ଦୁଇ ରଥ ମା'ଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ସନ୍ଧ୍ୟାରେ ତୁଳସୀନଗର ବଣିକ ସଂଘ ପକ୍ଷରୁ ପାରମ୍ପରିକ ୧୧ ବାଘ ଓ ୫୧ ହନୁମାନ ବେଶଧାରୀ ଦଳ ଯାତ୍ରାଦାଣ୍ଡକୁ ଓହ୍ଲାଇଛନ୍ତି । ସେମାନେ ସନ୍ଧ୍ୟାରେ ଅସ୍ଥାୟୀ ପୀଠରେ ମା'ଙ୍କ ଦର୍ଶନ କରିବା ପରେ ବିରାଟ ପଟୁଆର ସହ ବିଭିନ୍ନ ସାହି ବୁଲି ମନୋରଞ୍ଜନ କରିଥିଲେ । ମଙ୍ଗଳବାର ହୋଇଥିବାରୁ ସକାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅସ୍ଥାୟୀ ପୀଠ ତଥା ବାପଘରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଟାଣ ଖରା ସତ୍ତ୍ୱେ ଶହ ଶହ ଶ୍ରଦ୍ଧାଳୁ ଓ ମାନସିକଧାରୀ ଧାଡିରେ ରହି ମା'ଙ୍କ ଦର୍ଶନ କରିଥିଲେ। ମା'ଙ୍କ ପ୍ରିୟ ବାର ହୋଇଥିବାରୁ ମହିଳାମାନେ ପ୍ରଥମେ ଧର୍ମଝଣ୍ଡା ମୂଳରେ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ଗଜା ମୁଆଁ, ପଣା ଅର୍ପଣ କରିଥିଲେ । ସନ୍ଧ୍ୟା ଆଳତି ପରେ ମା'ଙ୍କ ପାରମ୍ପରିକ ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା'ଙ୍କ ଘଟ ଅସ୍ଥାୟୀ ପୀଠରୁ ରାଜବାଟିକୁ ଯାଇଥିଲା । ସେଠାରେ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ପୂଜାର୍ଚ୍ଚନା କରିବା ପରେ ୭ ସାହିରେ ମା'ଙ୍କ ଘଟ ପରିକ୍ରମା ହୋଇଥିଲା । ମା' ଦେବକୀ ମୁଖ୍ୟଘଟକୁ ମୁଣ୍ଡାଇଥିବା ବେଳେ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇଥିଲେ । ଘଟ ଶୋଭାଯାତ୍ରା ରାଜବାଟିରୁ ଗୁଡବଜାର, ଜେନାସାହି, ଆଚାର୍ଯ୍ୟ ଖୁଆଡ ଦେଇ ସୀତାରାମ ସାହି, ପନ୍ଦରା ସାହି ଓ ଶଙ୍କରପୁର ସାହି ପରିକ୍ରମା କରିଥିଲା। ଉପରୋକ୍ତ ସାହି ପରିକ୍ରମା ବେଳେ ସୀତାରାମ ସାହିର ନାଗାର୍ଜୁନ ରଥ, ଶଙ୍କରପୁର ସାହିର ରାମଚନ୍ଦ୍ର ରଥ ମା'ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରଥ ଉନ୍ମୋଚନ ପର୍ବ ପରେ ମା'ଙ୍କ ଘଟ ଶୋଭାଯାତ୍ରା ରଜା ସାହି, କେଉଟ ସାହି ଦେଇ ଅସ୍ଥାୟୀପୀଠକୁ ବାହୁଡିଥିଲା । ବିଭିନ୍ନ ସାହିରେ ମା'ଙ୍କ ଘଟ ପରିକ୍ରମା ବେଳେ ମହିଳାମାନେ ଦୁଆର ମୁହଁରେ ଜଳ କୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ କର୍ପୂର ମିଶା ପାଣି ଢାଳିଥିଲେ । ଆଉ ଦୁଇଦିନ ମଧ୍ୟରେ ସମସ୍ତ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିବ । ମା' ନିଜସ୍ୱ ମନ୍ଦିରକୁ ବାହୁଡିବା ସମୟରେ ନିକଟତର ହେଉଥିବାରୁ ବୁଧବାରଠାରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ଦେଶୀବେହେରା ସାହି ସମେତ ବଡବଜାର, ସାନବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ପ୍ରତ୍ୟେକ ସାହିରେ ଭିଡ ବଢିବା ସହ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯାତ୍ରାସ୍ଥଳ ଦୁଲୁକିବ ।






ମା'ଙ୍କ ଘଟ ପରିକ୍ରମା ।



ତୁଳସୀନଗରରୁ ମଙ୍ଗଳବାର ବାହାରିଥିବା ବାଘ ବେଶଧାରୀ ଦଳ ।

# ବ୍ରହ୍ମପୁର ବାସ୍କେଟବଲ୍ ଲିଗ୍ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍,୨୩।୪**

ବରିଷ୍ଠ ଖେଳାଳିଙ୍କ ତରଫରୁ ପ୍ରଥମ ବ୍ରହ୍ମପୁର ଗ୍ରୀଷ୍ମକାଳୀନ ବାସ୍କେଟବଲ୍ ଲିଗ୍ ମଙ୍ଗଳବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ୨୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ ଦଳ ଭାଗନେଇଛନ୍ତି। ବାଳକ ଦଳଗୁଡ଼ିକ ହେଲା ବ୍ରହ୍ମପୁର ହୁପ୍‌ଷ୍ଟର୍ସ, ବ୍ରହ୍ମପୁର ଉରି, ବ୍ରହ୍ମପୁର ପାଣ୍ଡବସ୍ ଏବଂ ବ୍ରହ୍ମପୁର ପିଟବୁଲ୍‌ସ । ଦୁଇଟି ବାଳିକା ଦଳ ହେଲା ବ୍ରହ୍ମପୁର ରକର୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜ ବ୍ରହ୍ମପୁର। ସେହିଭଳି ବରିଷ୍ଠ ଖେଳାଳିଙ୍କ ଦୁଇଟି ଦଳ ମଧ ଏହି ଟୁର୍ନାମେଣ୍ଟରେ ଭାଗ ନେଇଛି। ସେଗୁଡ଼ିକ ହେଲା ଲିଟୁସ ମାଷ୍ଟର୍ସ ଏବଂ ମିଡେନ୍‌ସ ମାଷ୍ଟର୍ସ। ଅତିଥି ଭାବେ ବରିଷ୍ଠ ବାସ୍କେଟବଲ୍ କୋଚ୍ ତଥା ବ୍ରହ୍ମପୁର ଷ୍ଟାଡିୟମ ଇନ୍‌ଚାର୍ଜ କାଜଲ କୁମାର ସାହୁ ଓ ବରିଷ୍ଠ ଖେଳାଳି ବିଜୟ କୁମାର ମହାପାତ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ମଙ୍ଗଳବାର ମୋଟ ୫ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ହୁପ୍‌ଷ୍ଟର୍ସ ଏବଂ ଉରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌କୁ ଉରି ୬୪-୫୬ ପଏଣ୍ଟରେ ଜିତିଥିଲା। ଉରି ତରଫରୁ ସଚ୍ଚିଦାନନ୍ଦ ଏବଂ ହୁପ୍‌ଷ୍ଟର୍ସ ପକ୍ଷରୁ ଅଭିଷେକ ୨୭ ଲେଖାଏ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପାଣ୍ଡବ୍‌ସ ୫୪-୪୬ ପଏଣ୍ଟରେ ପିଟବୁଲ୍‌ସକୁ ପରାସ୍ତ କରିଥିଲା। ପାଣ୍ଡବ୍‌ସ ପକ୍ଷରୁ ମୃତ୍ୟୁଞ୍ଜୟ ୧୮ ଏବଂ ପିଟବୁଲ୍‌ସ ପକ୍ଷରୁ ପି.ସୁରେଶ ୨୩ପଏଣ୍ଟ ସ୍କୋର କରିଥିଲେ। ତୃତୀୟ ମ୍ୟାଚ୍‌ରେ ହୁପ୍‌ଷ୍ଟର୍ସ ୩୩-୨୫ ପଏଣ୍ଟରେ ପାଣ୍ଡବ୍‌ସକୁ ପରାସ୍ତ କରିଥିଲା। ସେହିଭଳି ଚତୁର୍ଥ ମ୍ୟାଚ୍‌ରେ ରକର୍ସ ୧୭-୧୩ ପଏଣ୍ଟରେ ରୟାଲ୍ ଚ୍ୟାଲେଞ୍ଜର୍ସଙ୍କୁ ଏବଂ ପଞ୍ଚମ ମ୍ୟାଚ୍‌ରେ ପିଟବୁଲ୍‌ସ ୪୦-୩୩ ପଏଣ୍ଟରେ ଉରିକୁ ପରାସ୍ତ କରିଥିଲା । ରେଫରୀ ଭବେ ସୁକାନ୍ତ ଧର, ଭି.ନାଗେଶ୍ୱର ରାଓ, ସୁଧୀର କୁମାର ପରିଡ଼ା, ପ୍ରଦୀପ କୁମାର ପରିଡ଼ା, କାଳୀ ପ୍ରସାଦ ରଥ, ସୁଶାନ୍ତ ଜେନା, ଦେବୀ ପ୍ରସାଦ ପଣ୍ଡା ଏବଂ ପଲ୍ଲବୀ ପ୍ରିୟା ପ୍ରମୁଖ ମ୍ୟାଚ୍ ପରିଚାଳନା କରୁଛନ୍ତି। ଜେ.କାମେଶ୍ୱର ରାଓ, ମିତେନ୍ କୁମାର ଭୂୟାଁ, କୈଳାସ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ପଣ୍ଡା, ରଜତ କୁମାର ମିଶ୍ର, ନବ ପ୍ରଧାନ, କେ.ଭି.ଜି. ରବି କୁମାର ଏବଂ ଅନ୍ତର୍ଜାତୀୟ ବାସ୍କେଟବଲ୍ ରେଫରୀ ରାଜ୍ ନାରାୟଣ ପାତ୍ର ପ୍ରମୁଖ ଆୟୋଜନରେ ସକ୍ରିୟ ଭୂମିକା ନେଇଥିଲେ ।



ବ୍ରହ୍ମପୁର ହୁପ୍‌ଷ୍ଟର୍ସ ଏବଂ ପାଣ୍ଡବ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

# ତୁଳସୀ ନଗରର ବାଘ, ହନୁମାନ ବେଶ

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁର ପ୍ରସିଦ୍ଧ ବୁଢୀଠାକୁରାଣୀ ଯାତ୍ରାର ଏକ ଅନ୍ୟତମ ଆକର୍ଷଣ ହେଉଛି ବିଭିନ୍ନ ସାହିରୁ ବାହାରୁଥିବା ଦଳଗତ ବେଶ। ସେଥିମଧ୍ୟରେ ତୁଳସୀନଗରର ବାଘ ଓ ହନୁମାନ ବେଶ ଅନ୍ୟତମ। ଅଞ୍ଚଳବାସୀଙ୍କ କହିବା ପ୍ରକାରେ, ୨୦୦୯ ରୁ ଏହି ବେଶ ସାହିରୁ ବାହାରି ଆସୁଛି । ତୁଳସୀନଗର ବଣିକ ସଂଘ ପକ୍ଷରୁ ପ୍ରତି ଯାତ୍ରାର ଶେଷ ସପ୍ତାହରେ ଏହି ବେଶ ବାହାରିବାର ପରମ୍ପରା ରହିଛି । ମା'ଙ୍କ ବାଘ ବେଶ ଅତି ପ୍ରିୟ ହୋଇଥିବା ବେଳେ ଅନ୍ୟ ସାହିମାନଙ୍କ ଭଳି ଏହି ସାହିର ଅଞ୍ଚଳବାସୀଙ୍କୁ ନେଇ ଏହି ଦୁଇ ବେଶ ଆୟୋଜିତ ହୋଇଆସୁଛି । ତେବେ ପ୍ରଥମେ ଅଧିକ ବାଘ ବେଶ ବାହାରୁଥିବା ବେଳେ କମ ସଂଖ୍ୟକ ହନୁମାନ ବେଶଧାରୀଙ୍କୁ ନେଇ ଶୋଭାଯାତ୍ରା ଆୟୋଜିତ ହେଉଥିଲା । କିନ୍ତୁ ଚଳିତ ଯାତ୍ରା ସମୟରେ ମାତ୍ର ୧୧ ବାଘ ବେଶ ବାହାରିଥିବା ବେଳେ ୫୧ ଜଣ ହନୁମାନ ବେଶ ବାହାରିଥିବା ସଂଘ ସଭାପତି ଆର. ମୂରଲୀ ମୋହନ କହିଛନ୍ତି । ଅନ୍ୟପକ୍ଷରେ ମଙ୍ଗଳବାର ସନ୍ଧ୍ୟାରେ ୧୧ବାଘ ବେଶ ଓ ୫୧ ହନୁମାନ ବେଶଧାରୀ ତୁଳସୀନଗର ରାଧାକୃଷ୍ଣ ମନ୍ଦିରରୁ ବାହାରି ମା'ଙ୍କ ଅସ୍ଥାୟୀପୀଠକୁ ଏକ ବିରାଟ ପଟୁଆରରେ ଯାଇଥିଲେ । ବେଶଧାରୀମାନେ ମା' ପୀଠକୁ ଯାଇ ଦର୍ଶନ କରିବା ପରେ ବିଭିନ୍ନ ସାହି ପରିକ୍ରମା କରିଥିଲେ। ତେବେ ଏହି ପାରମ୍ପରିକ ବେଶ ପରମ୍ପରାକୁ ବଜାୟ ରଖିବାକୁ ବଣିଜ ସଂଘ ପକ୍ଷରୁ ଏଭଳି ଆୟୋଜନ କରାଯାଉଥିବା ବେଳେ ସମସ୍ତ ଖର୍ଚ୍ଚ ବଣିଜ ସଂଘ ବହନ କରୁଥିବା ସଭାପତି ସୂଚାଇଛନ୍ତି। ଏହି ଶୋଭାଯାତ୍ରାରେ ଶ୍ରୀକାନ୍ତ ପାଣିଗ୍ରାହୀ, ମନୋଜ କୁମାର ସାହୁ, ମନୋଜ ପଟ୍ଟନାୟକ, ରମେଶ ନାୟକ, ସୁଶୀଲ ସେନାପତି, ତ୍ରିପତି ସୁବୁଦ୍ଧି, ବାବୁ ପଟ୍ଟନାୟକ, ପଞ୍ଚାନନ ରାଉତ, କାଳୀଚରଣ ତ୍ରିପାଠୀ ଓ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା ପରୀକ୍ଷାର୍ଥୀଙ୍କ କୃତିତ୍ୱ

**ବ୍ରହ୍ମପୁର ଅଫିସ, ୨୩।୪**

ପ୍ରତିବର୍ଷ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ(ଆଇଆଇଏସସି) ବାଙ୍ଗାଲୋର ଦ୍ୱାରା ଆୟୋଜିତ ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ ଆର୍ଯ୍ୟଭଟ୍ଟରେ ପ୍ରଶିକ୍ଷଣ ନେଉଥିବା ଖଲ୍ଲିକୋଟ କଲେଜ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ମାନସ ମିଶ୍ର କୃତିତ୍ୱ ଅର୍ଜନ କରିଛନ୍ତି । ସେ ସର୍ବଭାରତୀୟସ୍ତରରେ ୧୮୨ ର୍‍ୟାଙ୍କ ହାସଲ କରିଛନ୍ତି ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ମାନସ ଜାତୀୟ ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଅବସରରେ ଅନୁଷ୍ଠାନ ନିର୍ଦ୍ଦେଶକ ସୁଧୀର କୁମାର ରାଉତଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଛାତ୍ରୀଛାତ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆର୍ଯ୍ୟଭଟ୍ଟର ଉତ୍କୃଷ୍ଟ ଶିକ୍ଷା ପ୍ରଣାଳୀ ଏବଂ ଶିକ୍ଷକମାନଙ୍କ ନିଷ୍ଠା ତାଙ୍କୁ ସଫଳତା ଆଣି ଦେଇଥିବା ମାନସ ପ୍ରତିକ୍ରିୟାରେ କହିଛନ୍ତି ।




ଅନୁଷ୍ଠାନ ନିର୍ଦ୍ଦେଶକଙ୍କ ସହ ମାନସ।

## ମା' ବୁଢ଼ୀଠାକୁରାଣୀ ଯାତ୍ରା

# ଟ୍ରାଫିକ୍ ନିୟନ୍ତ୍ରଣକୁ ଧ୍ୟାନ ଦେଉନି ପୋଲିସ

**■ପରମିଶନ ଆଳରେ ପୋଲିସ ଚୁପ୍**
**■ମିନାବଜାର ପାଇଁ ଜମୁଛି ଭିଡ଼**

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଅବଧି ସରି ଆସୁଥିବା ବେଳେ ଲୋକମାନଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଜିଲାର ବିଭିନ୍ନ ସ୍ଥାନରୁ ଲୋକମାନେ ମା'ଙ୍କ ଅସ୍ଥାୟୀ ପୀଠକୁ ଦର୍ଶନ ପାଇଁ ଆସୁଛନ୍ତି। ଏହା ସହିତ ଦକ୍ଷିଣ ଓଡ଼ିଶା, ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ପୁରୀ ଓ ଭୁବନେଶ୍ୱର ଆଦି ଅଞ୍ଚଳରୁ ମଧ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଆସୁଛନ୍ତି। ମିନାବଜାରରେ ମଧ ଭିଡ ଦେଖିବାକୁ ମିଳୁଛି । ସେହି ରାସ୍ତା ଦେଇ ସାଧାରଣ ଲୋକଙ୍କ ସମେତ ଅନେକ ଗାଡ଼ି ଯିବାଆସିବା କରୁଛି। ଏଭଳି କ୍ଷେତ୍ରରେ ମୀନା ବଜାରକୁ ଆସୁଥିବା ଲୋକେ ପାର୍କିଂ ସୁବିଧା ନ ପାଇ ରାସ୍ତା କଡ଼ରେ ଗାଡ଼ି ରଖୁଛନ୍ତି । ଫଳରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରାସ୍ତା ଜାମ୍ ରହୁଛି। ଏନେଇ ପୋଲିସକୁ ଅଭିଯୋଗ କଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପଟେ କେତେକ ଅସାମାଜିକ ବ୍ୟକ୍ତି ପୋଲିସକୁ ହାତ କରି ରାସ୍ତା କଡ଼ ପାର୍କିଂ ଆଳରେ ମନଇଚ୍ଛା ଚାନ୍ଦା ଆଦାୟ କରୁଛନ୍ତି। ଲୋକେ ନିରୁପାୟ ହୋଇ ସେମାନଙ୍କୁ ପଇସା ଦେବାକୁ ବାଧ ହେଉଛନ୍ତି । ଗୋଟିଏ ପଟେ ରାସ୍ତା ସଂକୀର୍ଣ୍ଣ ଥିବା ବେଳେ ଅନ୍ୟପଟେ ରାମଲିଙ୍ଗମ ପୋଖରୀ ସୌନ୍ଦର୍ଯ୍ୟକରଣ ରାସ୍ତା କାମ ଚାଲିଛି। ଏଭଳି ସ୍ଥିତିରେ ଏହି ରାସ୍ତା କଡ଼ରେ ଯାନବାହନ ପାର୍କିଂ କରିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ। ଅନ୍ୟପଟେ ମୀନାବଜାର ଯେଉଁ ଦୁଇଟି ସ୍ଥାନରେ ହୋଇଛି ସେହି ରାସ୍ତା ଦେଇ ଯିବା ଓ ଆସିବା ବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ବେଳେ ୧୦୦ ମିଟର ରାସ୍ତା ଅତିକ୍ରମ କରିବା ସମସ୍ୟା ହେଉଛି। ତା' ବଦଳରେ ଲୋକମାନଙ୍କୁ ୧ କି.ମି.ରୁ ପ୍ରାୟ ୨ କି.ମି. ରାସ୍ତା ବୁଲିକରି ଯିବାକୁ ପଡୁଛି । ସେଠାରେ ମୀନା ବଜାର କରିବା ପାଇଁ କିଏ ଅନୁମତି ଦେଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି ହୋଇଛି। ଗତ କିଛିଦିନ ହେଲା ଏସ୍‌ଏସ୍‌ଭିଟି ସିନେମା ହଲ ପଡ଼ିଆ ସମ୍ମୁଖ ରାସ୍ତା ଓ ପଛପଟେ ଥିବା ଅନ୍ୟ ଏକ ମିନାବଜାର ଯୋଗୁ ସେହି ରାସ୍ତାଗୁଡ଼ିକ ସନ୍ଧ୍ୟା ବେଳେ ଭିଡ ରହୁଛି। ଟାଉନ ଥାନା ନିକଟରେ ଏଭଳି ଟ୍ରାଫିକ ସମସ୍ୟା ଦେଖା ଦେଉଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉନାହିଁ । ମୀନାବଜାରଠାରୁ ଟାଉନ ଥାନାର ଦୂରତା ମାତ୍ର ୫୦ ମିଟର ହୋଇଥିବା ବେଳେ ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବାରେ ଅବହେଳା କରୁଥିବା ଅଭିଯୋଗ ହେଉଛି ।

ନିୟମାନୁସାରେ, ଏଭଳି ମିନାବଜାର ଖୋଲା ସ୍ଥାନରେ କିମ୍ବା ସହର ବାହାରେ କରିବା କଥା। କିନ୍ତୁ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ୨୦୧୭ ଠାକୁରାଣୀ ଯାତ୍ରା ସମୟରେ ପିଭିଏନ ରାଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଚର୍ଚ୍ଚ ପଡ଼ିଆରେ ମୀନା ବଜାର ଖୋଲିଥିଲା। କିନ୍ତୁ ଟ୍ରାଫିକ୍ ସମସ୍ୟା ଯୋଗୁ ପୋଲିସ ଏହାକୁ ବନ୍ଦ କରି ଦେଇଥିଲା। ତେବେ ଟାଉନ ଥାନା ନିକଟରେ ଏସ୍‌ଏସ୍‌ଭିଟି ସିନେମା ହଲ ପଡ଼ିଆରେ ଏକ ମୀନାବଜାର ଖୋଲିଥିବା ବେଳେ ରୁକ୍ମଣୀ ସିନେମା ହଲ ପାର୍ଶ୍ୱରେ ଥିବା ଧର୍ମନଗର ଛକ ପଡ଼ିଆରେ ଆଉ ଏକ ମୀନାବଜାର ଖୋଲିଛି। ଏହି ରାସ୍ତା ଦେଇ ହଜାର ହଜାର ଭକ୍ତ ମା'ଙ୍କ ଅସ୍ଥାୟୀ ମନ୍ଦିରକୁ ଯାଉଛନ୍ତି। ସେପଟେ ମୀନବଜାର ଗହଳି ସାଙ୍ଗକୁ ଭକ୍ତଙ୍କ ଗହଳି ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏ କ୍ଷେତ୍ରରେ ଟାଉନ ଥାନା ପୋଲିସ ଚୁପ୍ ହୋଇ ରହିବା ପଛରେ କାରଣ କଣ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ଅନ୍ୟପଟେ ୩ୟ ପର୍ଯ୍ୟାୟ ମତଦାନ ପାଇଁ ବ୍ରହ୍ମପୁର ପୋଲିସ ଜିଲାରୁ ୨୫୦ କନଷ୍ଟେବଳ ଏବଂ ୫ ଥାନାଧିକାରୀ ପୁରୀ ଜିଲାର ବିଭିନ୍ନ ସ୍ଥାନକୁ ଯାଇଛନ୍ତି । ଏହାର ଆଳ ଦେଖାଇ ଷ୍ଟାଫ ନ ଥିବା କହି ପୋଲିସ ନିଜ ଦାୟିତ୍ୱରୁ ଓହରିଯାଉଛି। ତୁରନ୍ତ ବରିଷ୍ଠ ପୋଲିସ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ଏସଏସଭିଟି ସିନେମା ହଲ ପଡ଼ିଆ ରାସ୍ତା ଓ ଧର୍ମନଗର ଛକ ରୁକ୍ମଣୀ ସିନେମା ହଲ ପାର୍ଶ୍ୱରେ ଥିବା ମୀନା ବଜାର ଅଞ୍ଚଳରେ ଟ୍ରାଫିକ ସମସ୍ୟାର ସମାଧାନ କରନ୍ତୁ । ନ ଚେତ ଦୁଇଟି ଯାକ ମୀନା ବଜାର ବନ୍ଦ କରି ସହର ବାହାରେ ଖୋଲିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

ଟ୍ରାଫିକ ସମସ୍ୟା ନେଇ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କୁହନ୍ତି, ମୀନା ବଜାର ପାଇଁ ଅନୁମତି ମିଳିଥିବା କଥା ସେ ଶୁଣିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହ ୩ୟ ପର୍ଯ୍ୟାୟ ମତଦାନ ପାଇଁ ଜିଲାରୁ ୨୫୦ କନଷ୍ଟେବଳ ଓ ୫ ଥାନାଧିକାରୀ ପୁରୀ ଜିଲାକୁ ଯାଇଛନ୍ତି। ଆମ ପାଖରେ ଥିବା ଓଆର କନଷ୍ଟେବଳ ଓ ଷ୍ଟୁଡେଣ୍ଟ ଭଲଣ୍ଟିୟରଙ୍କୁ ନେଇ ମା'ଙ୍କ ଯାତ୍ରାସ୍ଥଳ ଓ ଅନ୍ୟ ଅଞ୍ଚଳରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି । ଏପରିକି ମିନାବଜାର ଯୋଗୁ ଟ୍ରାଫିକ ସମସ୍ୟା ଯଦି ଗୁରୁତର ହେବ, ତା'ହେଲେ ସେ ଦିଗରେ ବିକଳ୍ପ ପଦକ୍ଷେପ ସ୍ୱରୂପ ମୀନା ବଜାର ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପାଇଲେ ୨ ଛାତ୍ରୀ



କୁକୁଡ଼ାଖଣ୍ଡି,୨୩।୪(ଡି.ଏନ.ଏ.)- କୁକୁଡ଼ାଖଣ୍ଡି ବ୍ଲକ ପ୍ରତାପ କୃଷ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଜଣ ଛାତ୍ରୀ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ ନେଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ସେମାନେ ହେଲେ ପ୍ରତାପକୃଷ୍ଣଚନ୍ଦ୍ରପୁର ଗ୍ରାମର ରୀନା ଗୌଡ଼ ଏବଂ ପୂଜା ଦାସ। ୨୦୧୮-୧୯ ଶିକ୍ଷାବର୍ଷରେ ଏହି ମେଧାବୃତ୍ତି ପାଇଥିବା ଉକ୍ତ ଛାତ୍ରୀ ଦ୍ୱୟ ବିଦ୍ୟାଳୟର ଗୌରବ ବୃଦ୍ଧି କରିବା ସହ ଅନ୍ୟ ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ପାଲଟିଥିବା ଗ୍ରାମବାସୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କହିଛନ୍ତି। ଏଥିପାଇଁ ଛାତ୍ରୀଙ୍କ ମାତାପିତା ଏବଂ ଗ୍ରାମବାସୀ ସ୍କୁଲ ଶିକ୍ଷକ ଶ୍ରୀନିବାସ ସାକେରି ଓ କାର୍ଯ୍ୟରତ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଭୟ ଛାତ୍ରୀ ଅଷ୍ଟମ ଶ୍ରେଣୀ ପଢ଼ିବା ସମୟରେ ଏହି ପରୀକ୍ଷା ଦେଇଥିଲେ। ବର୍ତ୍ତମାନ ନିମଖଣ୍ଡି ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି ।

### ମିଳିଲାନି ମୃତ ଯୁବକଙ୍କ ପରିଚୟ

ଗୋପାଳପୁର,୨୩।୪-ଗୋଳନ୍ଥରା ଥାନା ପୋଲିସ ରବିବାର ହରିପୁର ମୁଖ୍ୟରାସ୍ତା ଖେଳ ପଡ଼ିଆ ନିକଟ ଜମିରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ତେବେ ତାଙ୍କର ପରିଚୟ ମିଳି ନ ଥିବା ପୋଲିସ କହିଛି। ଏ ନେଇ ନଂ ୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ତେବେ ଯୁବକ ଜଣକ ଆତ୍ମହତ୍ୟା କରିବା ପରେ କେହି ତାଙ୍କ ମୃତଦେହକୁ ଫିଙ୍ଗି ଦେଇ ପଳାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି। ସ୍ଥାନୀୟ ଅଞ୍ଚଳରୁ କୌଣସି ନିଖୋଜ ମାମଲା ଥାନାରେ ରୁଜୁ ହୋଇ ନ ଥିବା ବେଳେ ମୃତ ଯୁବକଙ୍କ ପରିଚୟ ଜାଣିବା ପାଇଁ ତଦନ୍ତ ଚାଳିଥିବା ଏସଆଇ ଦୁର୍ଗା ମାଧବ ସାହୁ କହିଛନ୍ତି ।

### ଦୃଷ୍ଟିବାଧିତ ସଚେତନତା ଶିବିର



ପୋଲସରା,୨୩।୪(ଡି.ଏନ୍.ଏ.)- ପୋଲସରା ସହର ସ୍ଥିତ ଗୌଡ଼ସାହିରେ ମଙ୍ଗଳବାର ସାମାଜିକ କର୍ମୀ ଧୋବା ସାହୁଙ୍କ ଆବାହକତ୍ୱରେ ଦୃଷ୍ଟି ବାଧିତମାନଙ୍କୁ ନେଇ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ପୋଲସରାଞ୍ଚଳର ବହୁ ଦୃଷ୍ଟିବାଧିତ ଯୋଗ ଦେଇଥିଲେ। ସେମାନଙ୍କ ଲାଗି ଦିବ୍ୟାଙ୍ଗ ସାର୍ଟିଫିକେଟ, ବସ୍ ପାସ୍, ଟ୍ରେନ ପାସ୍, ବିଦ୍ୟାଳୟରେ ନାମ ଲେଖାଇବା, ଚକ୍ଷୁ ପରୀକ୍ଷା କରିବା ଆଦି ଦିଗ ଉପରେ ଶିବିରରେ ଆଲୋଚନା କରିବା ସହିତ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲ୍‌ଭି ପ୍ରସାଦ ଚକ୍ଷୁ କେନ୍ଦ୍ରର ଇ. ସନ୍ତୋଷ, ଗୋପାଳ କୃଷ୍ଣ ବେହେରା ଉପସ୍ଥିତ ଥିଲେ।

■ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ରହିଛି, ପ୍ରଶାସନର ଅବହେଳା

# ବର୍ଷକୁ ଦୁଇ ଥର ଆସୁଛନ୍ତି ପର୍ଯ୍ୟଟକ

ଦାରିଙ୍ଗବାଡି,୨୩।୪(ଡି.ଏନ.ଏ.)

ଓଡିଶାର କଶ୍ମୀର ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ୩୨ଶହ ଫୁଟ ଉଚ୍ଚତାରେ ରହିଛି। ଉକ୍ତ ଅଞ୍ଚଳ ପ୍ରକୃତିର ସୌନ୍ଦର୍ଯ୍ୟରେ ଭରପୂର। ଓଡ଼ିଶା ମାନଚିତ୍ରରେ ଦାରିଙ୍ଗବାଡିର ସ୍ଥାନ ଅନ୍ୟତମ। ପର୍ଯ୍ୟଟନ କ୍ଷେତ୍ର ଭାବରେ ସାରା ରାଜ୍ୟ ତଥା ଦେଶବିଦେଶରେ ପ୍ରାୟତଃ ପରିଚିତ। ତେବେ ଦାରିଙ୍ଗବାଡିକୁ ଶୀତ ଋତୁରେ କେବଳ ପର୍ଯ୍ୟଟକ ଆସୁଥିଲେ। ଚଳିତବର୍ଷ ଗ୍ରୀଷ୍ମ ଋତୁରେ ମଧ୍ୟ ଅଧିକ ସଂଖ୍ୟକ ପର୍ଯ୍ୟଟକ ଦାରିଙ୍ଗବାଡି ଆସୁଥିବା ଦେଖିବାକୁ ମିଳୁଛି। ଏଠାରେ ଗରମ ହେଲେ ମଧ୍ୟ ଝାଳ ବାହାରୁ ନ ଥିବା ଏବଂ ଆର୍ଦ୍ରତା କମ୍ ରହୁଥିବାରୁ ଗୁଳୁଗୁଳି ହେଉନାହିଁ। ସହର ଅପେକ୍ଷା ଉକ୍ତ ଅଞ୍ଚଳରେ ଶବ୍ଦ, ବାୟୁ ପ୍ରଦୂଷଣ ମଧ୍ୟ କମ। ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ତେବେ ପର୍ଯ୍ୟଟକ ଏଠାକୁ ଆସି ବହୁ ସମୟରେ ନିରାଶ ହେଉଛନ୍ତି। ପର୍ଯ୍ୟଟନକେନ୍ଦ୍ରର ବିକାଶ ହେଉନାହିଁ କି ରାତ୍ରଯାପନ ବ୍ୟବସ୍ଥା ସହ ସୌନ୍ଦର୍ଯ୍ୟକରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ। ଯାହାକି ପର୍ଯ୍ୟଟକଙ୍କୁ ନିରାଶ କରୁଛି। ପଲିଥିନ୍ ବ୍ୟାନ୍ ସତ୍ତ୍ୱେ ଏଠାରେ ବ୍ୟବହାର ହେଉଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କ ବସିବା



ଦାରିଙ୍ଗବାଡିର ମିଡିୟୁବାନ୍ଧା ଜଳପ୍ରପାତ।

ପାଇଁ କିମ୍ବା କୌଣସି ହିଲ୍ ପଏଣ୍ଟରେ ୱାଚ ଟାୱାର କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଦାରିଙ୍ଗବାଡିକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେଇଥିଲେ ସୁଦ୍ଧା ଅଦ୍ୟାବଧି ବିକାଶ ହୋଇପାରି ନାହିଁ। ଏହି ଅଞ୍ଚଳକୁ ପର୍ଯ୍ୟଟନ ଦିଗରେ ଉନ୍ନତି କରିବା ଓ ପର୍ଯ୍ୟଟକଙ୍କ ଦାରିଙ୍ଗବାଡି ଯିବା ସୁଯୋଗ ରହିଥିଲେ ସୁଦ୍ଧା ଏହାର ଉନ୍ନତି ଦିଗରେ ସରକାରଙ୍କ ଚରମ ଅବହେଳା ହେଉ କି ଜିଲା ପ୍ରଶାସନର ଅଣଦେଖା କାରଣରୁ ହେଉ ଏହାର ବିକାଶ ଅଧାରେ ଲଟକିଛି। ତେବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କରିବାରେ ଏବେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ରାତ୍ରି ଯାପନ ପାଇଁ ୧୦ଟି କଟେଜ ନିର୍ମାଣ କରିଛି। ଏହି ବିଭାଗର ଏକ ସ୍ୱତନ୍ତ୍ର ନେଚର ପାର୍କ ରହିଛି ଯାହାକି ୪ ହେକ୍ଟର ପରିସୀମା ମଧ୍ୟରେ କରାଯାଇଛି। ଉକ୍ତ ପାର୍କ ମଧ୍ୟରେ ରହିଛି ଜଳ ଫୁଆର (ୱାଟର ଫଲ), ବିଭିନ୍ନ କିସମର ଫୁଲ ବଗିଚା, ଔଷଧୀୟ ଗଛ, ଆୟୁର୍ବେଦିକ ଔଷଧର ମୁଖ୍ୟ ପୁରୋଧା ଚରକ ମୁନିଙ୍କ ପଥରରେ ନିର୍ମିତ ପ୍ରତିମୂର୍ତ୍ତି, ଥ୍ରୀଡି ହଲ୍ ଯେଉଁଥିରେ କି ପ୍ରକୃତିକୁ ସୁରକ୍ଷା ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ସିନେମାରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। ଫାଇବରରେ ତିଆରି ହାତି ମୂର୍ତ୍ତି ସମେତ ମୃଗମୂର୍ତ୍ତି, ଡଙ୍ଗରିଆ କନ୍ଧଙ୍କ ଚଳନି ସମ୍ପର୍କରେ ଫାଇବର ମୂର୍ତ୍ତି ସମେତ ବାସଗୃହ, ଆଦିବାସୀଙ୍କ ପାରମ୍ପରିକ ବଳି ପୂଜା ଆଦିର ଦୃଶ୍ୟ ସେଠାରେ ଦେଖିବାକୁ ମିଳୁଛି। ଏଥି ସହ ପିଲାଙ୍କ ପାଇଁ ମିନି ପାର୍କ ରହିଛି। ସେହିପରି ଅନ୍ୟ ପର୍ଯ୍ୟଟନ କେନ୍ଦ୍ର ମଧ୍ୟରେ ରହିଛି ୪୫ ହେକ୍ଟର ଜମିରେ କଫି ବଗିଚା ସମେତ ଡୁଲୁରୀ ପାଇନ ବଣ, ହିଲଭିୟୁ ପାର୍କ, ମିଡିୟୁବାନ୍ଧା ୱାଟର ଫଲ୍, ନୀରବ ଉପତ୍ୟକା( ସାଇଲେଣ୍ଟ ଭ୍ୟାଲି) ଯେଉଁଠିକି ସୂର୍ଯ୍ୟ ଅସ୍ତର ମନୋରମ ଦୃଶ୍ୟ ଦେଖିବାକୁ ପର୍ଯ୍ୟଟକଙ୍କ ଅପରାହ୍ନରେ ଭିଡ ଜମିଥାଏ। ସେହିପରି କିରିକୁଟି ଠାରେ ରହିଥିବା ଡଡୁବାଡା ନେଚର ଲଭର୍ସ ପଏଣ୍ଟ, ଜନଜାତି ସଂଗ୍ରହାଳୟ, ଏମୁ ପକ୍ଷୀସ୍ଥଳ ଦେଖିବାକୁ ଦାରିଙ୍ଗବାଡିକୁ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ବଙ୍ଗାଳି ପର୍ଯ୍ୟଟକଙ୍କ ଦାରିଙ୍ଗବାଡିକୁ ଆଗମନ ଅଧିକ ରହୁଛି, କିନ୍ତୁ ପର୍ଯ୍ୟଟନର ବିକାଶ ପଛରେ ପଡିଛି। ଏନେଇ ଜିଲା ପର୍ଯ୍ୟଟନ ଅଧିକାରୀ ମନୋରଞ୍ଜନ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବିକାଶ ପାଇଁ ସରକାରଙ୍କୁ ପ୍ରକଳ୍ପ ଅନୁମୋଦନ ପାଇଁ ଚିଠି କରାଯାଇଛି। ୱାଟରଫଲ ସମେତ ସମସ୍ତ ପର୍ଯ୍ୟଟନକେନ୍ଦ୍ରର ବିକାଶ ପାଇଁ ପ୍ରୟାସ କରାଯାଉଛି।

### ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ

ଚିକିଟି,୨୩।୪(ଡି.ଏନ.ଏ.)

ଚିକିଟି ବ୍ଲକ୍ ମଲକୁଟ ପ୍ରାଥମିକ ବିଦ୍ୟାଳୟର ଜଣେ କାର୍ଯ୍ୟରତ ଶିକ୍ଷକଙ୍କ ମଙ୍ଗଳବାର ସକାଳ ୧୦ଟାରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଚିକିଟିପେଣ୍ଠ ଗ୍ରାମର ଗଣପତି ନାୟକ (୫୦)।

ଗଣପତି ମଙ୍ଗଳବାର ୭ଟାରେ ମଲକୁଟ ପ୍ରାଥମିକ ବିଦ୍ୟାଳୟକୁ ଯାଇ ନିଜ କାର୍ଯ୍ୟ ଶେଷ କରି ସକାଳ ସାଢ଼େ ୯ଟାରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସଙ୍କଟାପନ୍ନ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ୍ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତଦେହ ସତ୍କାର କରିଛନ୍ତି। ଏ ନେଇ ମେଡିକାଲ ଫାଣ୍ଡିରେ ପୋଲିସ ନଂ. ୨୦୦/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ

ଶଙ୍କରାଖୋଲ,୨୩।୪(ଡି.ଏନ୍.ଏ.)

ଟିକାବାଲି ଥାନା ଶଙ୍କରାଖୋଲ ପଞ୍ଚାୟତ ବାଡେଗୁଡ଼ା ଗ୍ରାମର ଜଣେ ଯୁବକ ୩ମାସ ପୂର୍ବେ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ। ୧୨ ତାରିଖରେ ସେ ଗ୍ରାମକୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ ସାମ୍ନିଆ କହଁର (୪୮)। ଏ ନେଇ ତାଙ୍କ ବାପା ବିଶ୍ୱମ୍ବର କହଁର, ସ୍ତ୍ରୀ ରେବତୀ ଟିକାବାଲି ଥାନା ଓ ବ୍ରହ୍ମପୁର ଜିଆର୍‌ପି ଥାନାରେ ରବିବାର ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସାମ୍ନିଆ ଜାନୁୟାରୀରେ ବେଙ୍ଗାଲୁରୁକୁ କାମ କରିବାକୁ ଯାଇଥିଲେ। କନ୍ଧମାଳରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଗତ ୧୮ରେ ଥିବାରୁ ସେ ଭୋଟ



ସାମ୍ନିଆ କହଁର

ଦେବାକୁ ଆସିବେ ବୋଲି କହିଥିଲେ। ୧୧ ତାରିଖରେ ପରିବାର ଲୋକଙ୍କ ସହ କଥା ହୋଇ ୧୨ରେ ପ୍ରଶାନ୍ତି ଏକ୍ସପ୍ରେସ୍ ଟ୍ରେନ୍‌ରେ ବସି ଗ୍ରାମକୁ ଫେରୁଥିଲେ। ୧୩ ତାରିଖ ସନ୍ଧ୍ୟା ୬ଟାରେ ବ୍ରହ୍ମପୁର ଷ୍ଟେଶନରେ ସାମ୍ନିଆ ଓହ୍ଲାଇବାର ଥିଲା। ହେଲେ ସେ ଓହ୍ଲାଇ ନ ଥିଲେ। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଥିବା ପରିବାର ପକ୍ଷରୁ କୁହାଯାଇଛି। ଉକ୍ତ ଗ୍ରାମର ଲିଟୁ ବଗର୍ତ୍ତୀଙ୍କ କହିବା ମୁତାବକ, ସେ ସାମ୍ନିଆଙ୍କୁ ପ୍ରଶାନ୍ତି ଏକ୍ସପ୍ରେସ୍‌ର ରିଜର୍ଭେଶନ ସିଟ୍‌ରେ ବସାଇ ନିଜେ ଜେନେରାଲ୍ ବଗିରେ ବସିଥିଲେ। ଟ୍ରେନ୍ ଛାଡ଼ିବାର ୨ ଘଣ୍ଟା ପରେ ଲିଟୁ ସାମ୍ନିଆଙ୍କୁ ଫୋନ୍ କରିଥିଲେ କିନ୍ତୁ ଫୋନ୍ ସୁଇଚ୍ ଅଫ୍ ଥିଲା। ବ୍ରହ୍ମପୁରରେ ଲିଟୁ ଓହ୍ଲାଇ ସାମ୍ନିଆଙ୍କୁ ନ ପାଇବାରୁ ଷ୍ଟେଶନରେ ବହୁ ଖୋଜାଖୋଜି କରିଥିଲେ ପରେ ନ ମିଳିବାରୁ ତାଙ୍କ ଘରେ ଆସି ଖବର ଦେଇଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ବାଲିଗୁଡା,୨୩।୪(ଡି.ଏନ୍.ଏ.)

ବାଲିଗୁଡା ଥାନା ବାଦେକେତା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃତମଗଡ଼ ଗ୍ରାମର କୃଷ୍ଣଚନ୍ଦ୍ର ପଣ୍ଡା। କୃଷ୍ଣଚନ୍ଦ୍ର ବାଇକ୍‌ରେ ବୁଡାଗୁଡାରୁ ବାଲିଗୁଡା ଅଭିମୁଖେ ଆସୁଥିବା ବେଳେ ବାଦେକେତା ନିକଟରେ ଭାରସାମ୍ୟ ହରାଇ ଏକ ଗଛଖୁଣ୍ଟାରେ ପିଟି ହୋଇଯାଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଉଦ୍ଧାର କରି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ବ୍ରହ୍ମପୁର ନେବାକୁ ପ୍ରସ୍ତୁତ ହେବା ସମୟରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା।

### ଜି.ଉଦୟଗିରି ସହରରେ ଖୋଲିଲା ଜଳଛତ୍ର

ଜି.ଉଦୟଗିରି,୨୩।୪(ଡି.ଏନ.ଏ.)

ଜି.ଉଦୟଗିରିରେ କିଛି ଦିନ ହେବ ଅସହ୍ୟ ଗରମ ସହ ଜଳାଭାବ ଲାଗି ରହିଛି । ସହରକୁ ପ୍ରତ୍ୟେକ ଦିନ ଶତାଧିକ ଲୋକ ବିଭିନ୍ନ କାମରେ ଆସୁଥିବା ବେଳେ କେଉଁଠି ବି ପାନୀୟ ଜଳ ବ୍ୟବସ୍ଥା ହୋଇ ନଥିବା କାରଣରୁ ଅସୁବିଧା ଭୋଗୁଥିଲେ। ଏ ସବୁକୁ ଦୃଷ୍ଟିରେ ରଖି ଜି.ଉଦୟଗିରି ଏନଏସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ପୋଷ୍ଟ ଅଫିସ ଛକ, ତହସିଲ ଛକ, ବନ୍ଧ ଛକ, ଟେଲିଫୋନ ଭବନ ନିକଟରେ ଜଳଛତ୍ର ଖୋଲାଯାଇଥିବା ବେଳେ ଶ୍ରୀରାମପଦା ଛକ, ପଦାସହି, ଓ କନବାଗିରି ଠାରେ ମଧ୍ୟ ଏହା ଖୋଲାଯିବ ବୋଲି ଏନଏସି କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ କହିଛନ୍ତି। ପୂର୍ବତନ କାଉନସିଲର ବିନୋଦ ବିହାରୀ ଦାଶ ଏନଏସିର ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।




ଏନଏସି ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର।

## ମାଓବାଦୀ ଅଞ୍ଚଳରୁ ଗାଡ଼ି ଆଣିଲେ ମାଲିକ

ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨୩।୪

**ଶୁଣିଲା ନାହିଁ ପ୍ରଶାସନ**

କନ୍ଧମାଳ ଜିଲାରେ ନିର୍ବାଚନ ବେଳେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ଯୋଗୁ ସେସବୁ ଅଞ୍ଚଳରେ ନିୟୋଜିତ ଗାଡି ନିର୍ବାଚନ ପରେ ଆସିପାରି ନଥିଲା। କର୍ମଚାରୀଙ୍କୁ ଜଙ୍ଗଲ ରାସ୍ତାରେ ସୁରକ୍ଷାକର୍ମୀ ଆଣି ନିର୍ବାଚନ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ପ୍ରଶାସନ ସେ ସବୁ ଅଞ୍ଚଳରେ ରହିଯାଇଥିବା ଗାଡି ଆଣିବା ବ୍ୟବସ୍ଥା କଲାନାହିଁ। ଫଳରେ ଚିନ୍ତାରେ ପଡିଥିଲେ ଗାଡି ମାଲିକ। ଏଭଳି ପରିସ୍ଥିତିରେ ଜଣେ ମାଲିକ ନିଜେ ତାଙ୍କ ଗାଡି ଫେରାଇ ଆଣିଛନ୍ତି। ଗୋଛାପଡା ଥାନା ବାରାହାଲାକୁ ନିର୍ବାଚନ କାର୍ଯ୍ୟରେ ଗତ ୧୭ ତାରିଖରେ କଟିଙ୍ଗିଆର ସମରଜିତ୍ ପଣ୍ଡାଙ୍କ ବୋଲେରୋ (ଓଆର୧୨ଏ-୮୪୧୭) ପୋଲିଂ ପାର୍ଟିକୁ ନେଇ ଯାଇଥିଲା। ସେହିଦିନ ଅପରାହ୍ନରେ ଏକ ଗାଡିରେ ଉକ୍ତ ବୁଥକୁ ତଦାରଖ କରିବାକୁ ଯାଉଥିବା ଏକ ଟିମ୍ ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ମହିଳା ଜିଆରଏସ୍ ସଞ୍ଜୁକ୍ତା ଦିଗାଲଙ୍କ ମୃତ୍ୟୁ ହୋଇଥିଲା। ୧୮ ତାରିଖ ନିର୍ବାଚନ ଦିନ ମାଓବାଦୀମାନେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଗାଡିରେ ପୋଲିଂ ପାର୍ଟିଙ୍କୁ ଅଣାଇନଥିଲା। ସେହିଦିନ ଠାରୁ ଗାଡି ବାରାହାଲାରେ ହିଁ ରହିଯାଇଥିଲା। ଗାଡି ମାଲିକ ଗାଡି ଫେରାଇ ଆଣିବାକୁ ପ୍ରଶାସନ ଓ ପୋଲିସ୍‌କୁ ଅନୁରୋଧ କରିଥିଲେ ମଧ୍ୟ ଆବଶ୍ୟକ ଫୋର୍ସ ନ ଥିବାରୁ ଅକ୍ଷମତା ପ୍ରକାଶ କରିଥିଲେ। ୨ ଦିନ ଭିତରେ ନିର୍ବାଚନ କାର୍ଯ୍ୟ ସରିବାପରେ ଫୋର୍ସ ଆସିଲେ ଗାଡି ଆଣିବାର ବ୍ୟବସ୍ଥା କରାଯିବ ବୋଲି ଉପ ଜିଲାପାଳ ଗାଡି ମାଲିକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୪ ଦିନ ବିତିଯାଇଥିଲେ ମଧ୍ୟ ଗାଡି ଫେରାଇ ଆଣିବାକୁ ପ୍ରଶାସନ କୌଣସି ପଦକ୍ଷେପ ନେଲା ନାହିଁ। ମଙ୍ଗଳବାର ମାଲିକ ସମରଜିତ ନିଜେ ଗାଡି ଆଣିବାକୁ ବାହାରିଥିଲେ। ଜଣେ ବନ୍ଧୁଙ୍କ ସହଯୋଗରେ ସନ୍ଧ୍ୟାରେ ସେ ବାରାହାଲାରେ ପହଞ୍ଚି ରାସ୍ତାରେ ପଡିଥିବା କଟା ଗଛଗୁଡିକୁ ସାଇଡ କରି ବୋଲେରୋକୁ ଆଣି ରାତିରେ କଟିଙ୍ଗିଆରେ ପହଞ୍ଚିଥିଲେ।

### ଟ୍ରାକ୍ଟର ଓଲଟି ଜଣେ ମୃତ

ଫୁଲବାଣୀ ଅଫିସ,୨୩।୪

ଫୁଲବାଣୀ ସଦର ଥାନା ଅଞ୍ଚଳରେ ଏକ ଇଟାବୋଝେଇ ଟ୍ରାକ୍ଟର ତଳେ ଚାପି ହୋଇ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କପନା ପଞ୍ଚାୟତ ଡଙ୍ଗଣିକିଆ ଗ୍ରାମର ରାଜୀବ କହଁର (୩୫)।

ପ୍ରକାଶ ଯେ, ରାଜୀବ ଟ୍ରାକ୍ଟରରେ ଇଟା ଆଣିବାକୁ ଯାଉଥିବାବେଳେ କୌଣସି କାରଣରୁ ଏହା ଖାଲରେ ଖସିପଡିଥିଲା। ରାଜୀବ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ତାଙ୍କୁ ଉଦ୍ଧାର କରି ମେଡିକାଲ ଅଣାଯାଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

### ପୂର୍ବତନ ଆକାଉଣ୍ଟାଣ୍ଟଙ୍କୁ ୨ବର୍ଷ ଜେଲ

ଫୁଲବାଣୀ ଅଫିସ,୨୩।୪

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଏକ ଲାଞ୍ଚ ମାମଲାର ବିଚାର କରି ଜଣେ ଆକାଉଣ୍ଟାଣ୍ଟଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ପୁରୁଣା କଟକ ଥାନା ଆଡନିଗଡର ଓଡିଶା ବନ ଉନ୍ନୟନ ନିଗମର ପୂର୍ବତନ ଆକାଉଣ୍ଟାଣ୍ଟ କେ. କାମେଶ୍ୱର ପାତ୍ର। ମିଳିଥିବା ସୂଚନା ଅନୁଯାୟୀ, ଲଳିତା କୁମାରୀ ମହାପାତ୍ର ନାମକ ଜଣେ କାଠ ଟ୍ରାନ୍ସପୋର୍ଟ ଠିକାଦାରଙ୍କର ୪୫ ହଜାର ଟଙ୍କା ନିଗମରୁ ବକେୟା ପ୍ରାପ୍ୟ ପାଇବାର ଥିଲା । ଏହି ବିଲ୍ କରାଇଦେବାକୁ ଆକାଉଣ୍ଟାଣ୍ଟ ପାତ୍ର ୩ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଲଳିତାଙ୍କ ସ୍ୱାମୀ ମଧୁସୂଦନ ମହାପାତ୍ର ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ପକ୍ଷରୁ ନଂ.୮/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଯୋଜନା ମୁତାବକ ୨୦୧୬ ଫେବୃୟାରୀ ୧୫ରେ ଲଳିତା ବନଉନ୍ନୟନ ନିଗମର କାର୍ଯ୍ୟାଳୟରେ ପହଞ୍ଚି କାମେଶ୍ୱରଙ୍କୁ ୩ ହଜାର ଟଙ୍କା ଦେବା ବେଳେ ଭିଜିଲାନ୍ସ କର୍ମଚାରୀ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ନିଖୋଜ ମମତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଦ୍ୱିତୀୟ ଦିନରେ ଧାରଣା

ଫୁଲବାଣୀ ଅଫିସ,୨୩।୪

୨୦୧୪ ସାଧାରଣ ନିର୍ବାଚନ ଦାୟିତ୍ୱରେ ଥାଇ ନିଖୋଜ ହୋଇଯାଇଥିବା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ଜିଆରଏସ ମମତା ନାୟକଙ୍କ ପରିବାରକୁ କ୍ଷତିପୂରଣ ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦିଆଯାଇଥିବା ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କନ୍ଧମାଳ ମିଳିତ ମହିଳା ସଙ୍ଗଠନ ପକ୍ଷରୁ ଏହି ଧାରଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଛି। ଧାରଣାରେ ନିଖୋଜ ମମତାଙ୍କ ମା' ପ୍ରଭାସିନୀ ନାୟକଙ୍କ ସମେତ ତାଙ୍କ ପରିବାର ଓ ଗ୍ରାମବାସୀ ସାମିଲ ହୋଇଛନ୍ତି। ଧାରଣାର ପ୍ରଥମ ଦିନରେ ଏକ ଦାବିପତ୍ର ଦେଶର ନିର୍ବାଚନ କମିଶନର, ରାଜ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟପାଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ମମତାଙ୍କ ନିଖୋଜ ପଛରେ ତତ୍କାଳୀନ ଚକାପାଦ ବିଡିଓଙ୍କ ସମେତ ବ୍ଲକର କିଛି କର୍ମଚାରୀଙ୍କ ହାତ ଥିବା ଏଥିରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ତଦନ୍ତରେ ଅବହେଳା କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, କ୍ରାଇମବ୍ରାଞ୍ଚ ତଦନ୍ତକୁ ତ୍ୱରାନ୍ୱିତ କରିବା ଓ ମମତାଙ୍କ ପରିବାରକୁ କ୍ଷତିପୂରଣ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ଲାଉଗୁଡ଼ା, ରକ୍ତପଟାରେ ପାନୀୟ ଜଳ ସଙ୍କଟ

ଶେରଗଡ,୨୩।୪(ଡି.ଏନ୍.ଏ.)

ଶେରଗଡ ବ୍ଲକ କରଡାକଣା ପଞ୍ଚାୟତ ଲାଉଗୁଡା ଓ ରକ୍ତପଟାରେ ୫ମାସ ହେଲା ଘୋର ଜଳ ସଙ୍କଟ ଦେଖାଦେଇଛି। ଲାଉଗୁଡାର ୧୧୦ପରିବାର ଓ ରକ୍ତପଟାର ୧୫୦ ପରିବାର ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ନେଇ ୨ଗ୍ରାମବାସୀ ବହୁବାର ଜଳ ପରିମଳ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ।

ଲାଉଗୁଡା ଗ୍ରାମରେ ୧୧୦ ପରିବାର ଥିବାବେଳେ ୩ ନଳକୂପ ରହିଛି। ସେଗୁଡିକ ବହୁ ପୁରୁଣା ହୋଇଥିବାରୁ ଠିକ୍‌ରେ ପାଣି ବାହାରୁନାହିଁ। ମାଠିଆଏ ପାଣି ଭର୍ତ୍ତି ହେବାକୁ ୧୫ମିନିଟ୍ ଲାଗୁଛି। ଉକ୍ତ ଗ୍ରାମଦେଇ ଯାଇଥିବା କେନାଲ ଶୁଖିଲା ପଡିଛି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଗତ ଦେଢବର୍ଷ ପୂର୍ବେ ଏଠାରେ ପାଣି ପ୍ରକଳ୍ପ ନିର୍ମାଣ କରାଗଲା। ହେଲେ ଏଯାବତ ଗ୍ରାମରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇନି। ଫଳରେ ପାଇପ ପାଣି ପାଇବା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ସେହିପରି ଲାଉଗୁଡା ଗ୍ରାମର ୧୧୦ ପରିବାରର ୬୦୦ ଜନସାଧାରଣ ନାହିଁ ନ ଥିବା ଜଳକଷ୍ଟ ଭୋଗୁଛନ୍ତି। ଏନେଇ ଜଳ ପରିମଳ ବିଭାଗ ପାଖରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଗ୍ରାମର ମୁଖିଆ ରୋହିତ ଗୌଡ କୁହନ୍ତି, ଆମ୍ଭ ଗ୍ରାମକୁ କେହି ଦୃଷ୍ଟି ଦେଉନାହାନ୍ତି। ପାଣି ପ୍ରକଳ୍ପ କାମ ସରିଥିଲେ ମଧ୍ୟ, ପ୍ରଶାସନିକ ଅବହେଳା ଯୋଗୁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ।

**ପ୍ରକଳ୍ପ ସରିଛି, ପାଣି ଆସୁନାହିଁ**



କାର୍ଯ୍ୟକ୍ଷମ ହେଉନଥିବା ଓଭରହେଡ ଟ୍ୟାଙ୍କ

ସେହିପରି ରକ୍ତପଟା ଗ୍ରାମରେ ଅନୁରୂପ ଅବସ୍ଥା। ଓଭରହେଡ୍ ଟାଙ୍କି ନିର୍ମାଣ ସରିଛି। ୨ବର୍ଷ ତଳେ ପାଇପ ବିଛା ସହ ଆନୁସଙ୍ଗିକ ବ୍ୟବସ୍ଥା ସରିଥିଲା। ମାତ୍ର ପାଣି ଆସୁନାହିଁ। ନିକଟରେ ଯାଇଥିବା ନନ୍ଦିନୀ ନଦୀର ପାଣି ମଧ୍ୟ ପିଇବା ଉପଯୋଗୀ ନୁହେଁ। ଫଳରେ ନଳକୂପ ହିଁ ଭରସା। ଗ୍ରାମରେ ଥିବା ୪ଟି ନଳକୂପ ଉପରେ ଗ୍ରାମବାସୀ ଭରସା କରୁଛନ୍ତି। ମାତ୍ର ଖରାଦିନେ ଆବଶ୍ୟକ ମୁତାବକ ପାଣି ମିଳୁନାହିଁ। ପାଣି ପାଇଁ ୧୫୦ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମର ଉତ୍ସବ ମଳିକ କୁହନ୍ତି, ନଳକୂପକୁ ଛାଡିଦେଲେ ପାଣି ପାଇଁ ଅନ୍ୟ କୌଣସି ସୁବିଧା ନାହିଁ। କିଛିଦିନ ତଳେ ପାନୀୟ ଜଳ ପ୍ରକଳ୍ପ କାମ ହେବା ସହ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇଥିଲା, ମାତ୍ର ତାହା କାର୍ଯ୍ୟକ୍ଷମ ହେଉନାହିଁ।

ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ କୁହନ୍ତି ଯେ, ଆମ୍ଭ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ୨ଟି ଗ୍ରାମରେ ପାଣି ଯୋଗାଣ ହେଉନାହିଁ ବୋଲି ଅବଗତ ଅଛୁ। କିନ୍ତୁ ଲାଉଗୁଡାରେ ବିଜୁଳି ସଂଯୋଗ ହୋଇପାରି ନ ଥିଲା। ୫ ଦିନ ତଳେ ବିଦ୍ୟୁତ୍ ସଂଯୋଗ ହୋଇଛି। ତୁରନ୍ତ ପରୀକ୍ଷା କରାଯାଇ କାର୍ଯ୍ୟକ୍ଷମ କରାଯିବ। ରକ୍ତପଟା ଗ୍ରାମରେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ରହିଛି, ସମାସ୍ୟାର ସମାଧାନ କରାଯାଇ ତୁରନ୍ତ ପାଣି ଯୋଗାଣ କରାଯିବ।

## ସଂକ୍ଷେପରେ

### ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ, ୨ ଗୁରୁତର

**ରାଇରଙ୍ଗପୁର, ୨୩।୪(ଡି.ଏନ.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦାମୁଡିଗୋଡା ଗ୍ରାମ ନିକଟସ୍ଥ ବଡାମତଲିଆ-ବିଜାତଳା ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯୁଡିଆ ଗ୍ରାମର ମାଟୁ ମାଝୀ(୧୭) ଓ ଆହତ ଦ୍ୱୟ ହେଲେ ସୁରେଶ ମୁଣ୍ଡା(୧୮) ଏବଂ ସଞ୍ଜୀବ ଗିରି(୧୮) । ଆହତଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁରେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପି.ଆର.ଏମ ମେଡିକାଲକୁ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଛି।

### ରୋଡ୍ ଶୋ' ପାଇଁ ବ୍ୟାପକ ପ୍ରସ୍ତୁତି

**ବେତନଟୀ ୨୩।୪ (ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବୁଧବାର ବଡସାହି ନିର୍ବାଚନ ମଣ୍ଡଳୀ ଅଧୀନ ବୈଶିଙ୍ଗାରୁ ମାଣତ୍ରୀ ବଡସାହି ଦେଇ ରୋଡ୍ ଶୋ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୫ଟା ସମୟରେ ସେ ବୈଶିଙ୍ଗା ଠାରେ ପହଞ୍ଚିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବୋଲି ସମୟ ନିର୍ଦ୍ଧାର୍ଯ୍ୟ ହୋଇଛି। କଳମାଠାରୁ ରୋଡ୍ ଶୋ ଆରମ୍ଭ ହୋଇ ବୈଶିଙ୍ଗା, ମାଣତ୍ରୀ, ବଡସାହି, ଡୁକୁରା, ସାନ କେରକ ଦେଇ ବାରିପଦା ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ଥିବାରୁ ଏଥିଲାଗି ପୋଲିସ ଓ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିନେଇ ବଡସାହି ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିବା ମିଡିଆ ସଂଯୋଜକ ଭବାନୀ ମିଶ୍ର ପ୍ରକାଶ କରିଛନ୍ତି।

### ଲୋକେ ଭୋଟ ଦେଲେନି

**କପ୍ତିପଦା, ୨୩।୪(ଡ଼ି.ଏନ୍.ଏ): କେନ୍ଦୁଝର** ସଂସଦୀୟ କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ କପ୍ତିପଦା ବ୍ଲକ୍‌ର କମଳଗଡ଼ିଆ ପଞ୍ଚାୟତ ହରିସାହି ଓ ଶରତ ପଞ୍ଚାୟତର ସିଲେଇପୋଖରୀ ଓ କେଶପଡ଼ା ଗ୍ରାମର ଲୋକେ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଭୋଟ୍ ବର୍ଜନ କରିଥିବା ଜଣାଯାଇଛି । ହରିସାହିର ଲୋକେ ସମ୍ପୂର୍ଣ୍ଣ ଭୋଟ୍ ବର୍ଜନ କରିଥିବା ବେଳେ ସିଲେଇପୋଖରୀ ଓ କେଶପଡ଼ା ଗ୍ରାମର ୫୦ପ୍ରତିଶତ ଲୋକ ଭୋଟ୍ ଦେଇ ନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପାନୀୟ ଜଳ ଯୋଗାଣ, ରାସ୍ତା, ରାଶନ କାର୍ଡ଼, ଭତ୍ତା ଓ ଗୃହ ନିର୍ମାଣ କ୍ଷେତ୍ରରେ ପ୍ରଶାସନ ଟାଳଟୁଳ ନୀତି ଗ୍ରହଣ କରିଆସୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କପ୍ତିପଦା ବ୍ଲକ୍ ଗ୍ରାମ ପଞ୍ଚାୟତ ଅଧିକାରୀ ଶଶୀଶେଖର ଷଡ଼ଙ୍ଗୀଙ୍କୁ ପଚାରିବାରୁ କହିଛନ୍ତି ଏଠି କୌଣସି ବୁଥ୍ ଫାଙ୍କା ପଡି ନାହିଁ । ଭୋଟିଂ ହୋଇଛି, ମାତ୍ର କେଉଁ ସାହିର ଲୋକେ ଭୋଟ୍ ବର୍ଜନ କରିଛନ୍ତି ଅନୁସନ୍ଧାନ ପରେ ପଡିବ।

### ବିଜେଡି ପକ୍ଷରୁ ନୂତନ ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ନିଯୁକ୍ତି

**ବେତନଟୀ, ୨୩।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନରେ ଥିବା ରଘୁପୁର ସମେତ ଅଧିକାଂଶ ପଞ୍ଚାୟତରେ ନୂତନ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ପ୍ରଦାନ କରାଯାଇଛି। ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସଙ୍କ ପରାମର୍ଶ କ୍ରମେ ବିଜେଡି ସଂଗଠନ ପକ୍ଷରୁ ଏସବୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ପ୍ରତି ପଞ୍ଚାୟତରେ ସଭାପତି ପଦରେ ନିଯୁକ୍ତି ଦିଆଯାଇଥିଲା। ବର୍ତ୍ତମାନ ନିର୍ବାଚନକୁ ଆଖିଆଗରେ ରଖି ସଭାପତିମାନଙ୍କୁ ସହଯୋଗ କରିବା ଲାଗି ସଂଗଠନ ପକ୍ଷରୁ ସର୍ବସମତି କ୍ରମେ ଏହି ନିଯୁକ୍ତି କାର୍ଯ୍ୟକାରୀ କରାଯାଇବୋଲି ରଘୁପୁର ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ବିଜେଡି କର୍ମୀ ମହେଶ୍ୱର ଦାସ ସୂଚନା ପ୍ରଦାନ କରିଛନ୍ତି।

### ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ଟଙ୍କଧରଙ୍କ ପରଲୋକ

**ବେତନଟୀ ୨୩।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଟଙ୍କଧର ରାଉତ୍‌ଙ୍କର ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ମୃତ୍ୟୁ ଘଟିଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। କିଛି ଦିନ ହେବସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ। ସୋମବାରତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦା ପି.ଆର୍.ଏମ୍. ମେଡିକାଲ୍ କଲେଜ ନିଆଯାଇ ସେଠାରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମରଶରୀରକୁ ମଙ୍ଗଳବାର ସଠିଲୋସ୍ଥ ବାସ ଭବନକୁ ଅଣାଯିବା ପରେ ବେତନଟୀ ମହାବିଦ୍ୟାଳୟକୁ ଆଣି ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## କରଞ୍ଜିଆ ନିର୍ବାଚନ ମଣ୍ଡଳୀର ସରିଲା ଭୋଟ

# ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍



ଲାବଣ୍ୟଦେଇପୁର ପଞ୍ଚାୟତ ହୁଡିସାହି ବୁଥ୍‌ରେ ମହିଳାମାନେ ଭୋଟ ଦେବା ପାଇଁ ଧାଡିରେ ଯାଉଛନ୍ତି।

**ବାରିପଦା ଅଫିସ, ୨୩।୪**

କେନ୍ଦୁଝର ଲୋକ ସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । କେତେକ ସ୍ଥାନରେ ଇଭିଏମ ମେଶିନ ଅଚଳ ହେବାରୁ ଭୋଟ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ସକାଳ ୭ଟାରୁ ଭୋଟ ଗ୍ରହଣ ପାଇଁ ସମୟ ଧାର୍ଯ୍ୟ ହୋଇଥିବାରୁ ଭୋଟରମାନେ ଆସି ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଭିଡ଼ ଜମାଇଥିଲେ। ଇଭିଏମ ମେଶିନ ଠିକ୍ ଭାବେ କାର୍ଯ୍ୟ ନ କରିବାରୁ କେତେକ ବୁଥରେ ୮ ଟା ଏବଂ ଅନ୍ୟ କେତେକ ବୁଥରେ ପୂର୍ବାହ୍ନ ୧୦ ଟା ପରେ ମତଦାନ ଆରମ୍ଭ ହୋଇଥିଲା। ତେବେ କୌଣସି ଭୋଟ ଗ୍ରହଣ କେନ୍ଦ୍ରରେ ସେଭଳି କିଛି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡିଛି।

କପ୍ତିପଦାବ୍ଲକ ଲାବଣ୍ୟ ଦେଇପୁର ପଞ୍ଚାୟତ ହୁଡ଼ିସାହି ବୁଥରେ ସ୍ଥାନୀୟ ଲୋକେ ଭୋଟ ବର୍ଜନ ଚେତାବନୀ ଦେଇଥିଲେ ମଧ୍ୟ ପରେ ନିଷ୍ପତ୍ତିରୁ ଓହରି ଯାଇଥିଲେ। ସେଠାରେ ପୂର୍ବାହ୍ନ ୧୦ ପରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିବା କୁହାଯାଉଛି।

ଭୋଟ ଗ୍ରହଣ ଶେଷହେବା ପରେ ନିର୍ବାଚନ ମଇଦାନରେ ଥିବା ୧୦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ମେଶିନରେ ସିଲ୍ ହୋଇଯାଇଛି। ଆସନ୍ତା ମେ ୨୩ ତାରିଖରେ ଭୋଟ ଗଣତି କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ଭାଜପାରୁ ପଦ୍ମ ଚରଣ ହାଇବ୍ରୁରୁ, ବିଜେଡିରୁ ବାସନ୍ତୀ ହେମ୍ବ୍ରମ, କଂଗ୍ରେସରୁ ସୁଦାମ ଚରଣ ନାଏକ, ଅଲଇଣ୍ଡିଆ ତୃଣମୂଳ କଂଗ୍ରେସରୁ ଜବାମଣି ଟୁଡୁ, ଏସୟୁସିଆଇ(କମ୍ୟୁନିଷ୍ଟ)ରୁ ବାଜୁରାମ ସିଦୁ, ଅଖିଳ ଭାରତୀୟ ହିନ୍ଦୁ ମହାସଭାରୁ ରଘୁନାଥ ନାୟକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ବୈଦ୍ୟନାଥ ସିଂ, ସମାଇ ଚରଣ ପୂର୍ତ୍ତି, ସୁଜିତ କୁମାର ଲୁଗୁନ ଓ ସୁବାସ ଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ନିର୍ବାଚନ ମଣ୍ଡଳୀ ଅଧୀନ କରଞ୍ଜିଆ ବ୍ଲକର ୧୫ ପଞ୍ଚାୟତ, କରଞ୍ଜିଆ ଏନଏସିର ୧୫ ୱାର୍ଡ, ଠାକୁରମୁଣ୍ଡା ବ୍ଲକର ୧୮ ପଞ୍ଚାୟତ ଏବଂ କପ୍ତିପଦା ବ୍ଲକର ୯ ପଞ୍ଚାୟତରେ ମୋଟ ଭୋଟର ସଂଖ୍ୟା୧ଲକ୍ଷ ୮୬ ହଜାର ୫୪୬ ଥିଲା। ମତଦାନ ପାଇଁ ମୋଟ ୨୪୧ଟି ବୁଥ ଖୋଲାଯାଇଥିଲା। ୮ ଟି ବୁଥ ସମ୍ବେଦନଶୀଳ ଚିହ୍ନଟ ହୋଇଥିବାବେଳେ ୧୭ଟି ବୁଥ ଅଞ୍ଚଳରେ ମୋବାଇଲ ଟାୱାର ନ ଥିବାରୁ ପୋଲିସ ବିଭାଗର ଭିଏଚଏଫ ବ୍ୟବହାର କରାଯାଇଥିଲା।

## ପ୍ରତିଶ୍ରୁତି ପରେ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରିଲେ ଗ୍ରାମବାସୀ

**କପ୍ତିପଦା, ୨୩।୪(ଡି.ଏନ୍.ଏ)**

କେନ୍ଦୁଝର ଲୋକ ସଭା ଆସନ ଅଧୀନ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା କ୍ଷେତ୍ରରେ ମଙ୍ଗଳବାର ଭୋଟ ଗ୍ରହଣ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି । ଏହି ବିଧାନସଭା ନିର୍ବାଚନମଣ୍ଡଳୀର ଥିବା କପ୍ତିପଦା ବ୍ଲକ୍‌ର ୯ ପଞ୍ଚାୟତ କଳମଗଡିଆ, ରାମଚନ୍ଦ୍ରପୁର, ନଟୋ, ଶରତ, ସରଡିହା, ଲାବଣ୍ୟଦେଇପୁର, ଦେୱାନବାହାଳୀ, ପଦ୍ମପୋଖରୀ ଓ ରାଣୀପୋଖରୀ ଅଞ୍ଚଳର ଭୋଟର ବୁଥ୍ ଆଗରେ ଭିଡ ଜମାଇ ଧାଡିରେ ଯାଇ ମତାଧିକାର ସାବ୍ୟସ୍ତ କରିଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତର ୧୦ ଓ ୧୧ ନମ୍ବର ୱାର୍ଡ ଅଧୀନ ଚତୁରିସାହି, ହୁଡ଼ିସାହି ଓ ବଡ଼ଶାଳ ଗ୍ରାମର ଲୋକେ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରି ବୁଥ୍‌କୁ ଆସି ଭୋଟ ଦେଇଥିଲେ।

କପ୍ତିପଦା ବ୍ଲକର ୯ ପଞ୍ଚାୟତରେ ମୋଟ ୩୭ ବୁଥ୍ ଖୋଲିଥିଲା। କୌଣସି ଉତ୍ତେଜନା ପ୍ରବଣ ବୁଥ୍ ଏଠାରେ ଚିହ୍ନଟ ହୋଇ ନ ଥିଲା। ଏହାସତ୍ତ୍ୱେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଉକ୍ତ ବିଧାନସଭା କ୍ଷେତ୍ରରେ ଶରତ ବୁଥ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଥିଲା। ତେବେ ଭୋଟ ଗ୍ରହଣ ବେଳେ କୌଣସି ସ୍ଥାନରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳି ନାହିଁ ବୋଲି କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲିକ୍ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଲାବଣ୍ୟଦେଇପୁର ପଞ୍ଚାୟତର ୧୦ ଓ ୧୧ ନମ୍ବର ୱାର୍ଡ ଅଧୀନ ଚତୁରିସାହି, ହୁଡ଼ିସାହି ଓ ବଡ଼ଶାଳ ଗ୍ରାମର ଲୋକେ ପାନୀୟଜଳ ଆଦି ବିଭିନ୍ନ ସମସ୍ୟା ନେଇ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମବାର ଉକ୍ତ ଗ୍ରାମକୁ ଆସି ଲୋକଙ୍କ ସହିତ ଆଲୋଚନା କରିଥିଲେ । କୌଣସି ସମାଧାନର ସୂତ୍ର ବାହାରି ନ ପାରିବାରୁ ଗ୍ରାମବାସୀ ଭୋଟ ବର୍ଜନ ଜିଦ୍‌ରେ ଅଟଳ ରହିଥିଲେ। ପରେ କପ୍ତିପଦା ବିଡିଓ ମଲିକ୍ ଓ ଶରତ ଥାନାଧିକାରୀ ପ୍ରମୁଖ ଗାଁକୁ ଆସି ଲୋକଙ୍କ ସହିତ ଆଲୋଚନା କରି ପାନୀୟ ଜଳ ସମସ୍ୟାର ପ୍ରତିକାର ନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କରରେ ପାଣି ଯୋଗାଣ ଓ ରାଶନକାର୍ଡ, ଭତ୍ତା ଓ ଘର ସମ୍ପର୍କରେ ଆଚରଣ ବିଧି ଉଠିବା ପରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ କରି ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ତଦନୁଯାୟୀ ଲୋକେ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରି ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ପ୍ରଶାସନ ପ୍ରତିଶ୍ରୁତି ରକ୍ଷା କରି ଅଞ୍ଚଳବାସୀଙ୍କ ସମସ୍ୟାର ପ୍ରତିକାର କରିବେ ବୋଲି ଗ୍ରାମର ରାମ ସିଂ, ସାଧୁ ସିଂ ଓ ହରି ସିଂ ପ୍ରମୁଖ ଆଶା ବ୍ୟକ୍ତ କରିଛନ୍ତି ।

## ବିଏସ୍‌ପି ପାଇଁ ପ୍ରଚାର କଲେ ଶ୍ରୀକାନ୍ତ


ପଥପ୍ରାନ୍ତ ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ବିଏସପି ପ୍ରାର୍ଥୀ ଓ ସମର୍ଥକମାନେ ।

**ବଡ଼ସାହି, ୨୩।୪(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି(ସଂ) ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ପକ୍ଷରୁ ମଙ୍ଗଳବାର ରୋଡ୍ ଶୋ ସାଙ୍ଗକୁ ପଥପ୍ରାନ୍ତ ସଭା କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ବିଏସ୍‌ପି ଲାଗି ପ୍ରଚାର କରି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ସେ କହିଥିଲେ, ଦୁର୍ନୀତି ମୁକ୍ତ ନିର୍ବାଚନ ମଣ୍ଡଳୀ ଗଠନ ଲାଗି ତଳସ୍ତରରୁ ଉଦ୍ୟମ ହେବା ଦରକାର। ବିଏସ୍‌ପି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଜେନାଙ୍କୁ ହାତୀ ଚିହ୍ନରେ ମୋହର ମାରି ଜୟଯୁକ୍ତ କରାଇଲେ ସେ ଲୋକଙ୍କୁ ଉଚିତ ସେବା ଯୋଗାଇ ପାରିବେ ।

ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଏସପି କର୍ମୀମାନେ ମଙ୍ଗଳପୁରଠାରୁ ଏକ ବାଇକ ରାଲିରେ ଆସି ଭୀମଦା, ମାଣତ୍ରୀ, ବଡ଼ସାହି ଓ ପ୍ରତାପପୁରଠାରେ ପଥପ୍ରାନ୍ତ ସଭା କରିଥିଲେ। ଏଥିରେ ନେତା ଓ ଦଳର ପ୍ରାର୍ଥୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରୀୟ କଂଗ୍ରେସ ଦଳ ୭ଶହ କୋଟି ଟଙ୍କାର ଖଣି ଚୋରଙ୍କୁ ଦଳ ଦାୟିତ୍ୱ ଦେବା ନେଇ ଶ୍ରୀକାନ୍ତ ସମାଲୋଚନା କରି ଏହାର ଉଚିତ ଜବାବ ଦେବାକୁ ସେ ଭୋଟରମାନଙ୍କୁ ନିବେଦନ କରିଥିଲେ। ପ୍ରତାପପୁରଠାରେ ପଥପ୍ରାନ୍ତ ସଭା ହେବା ଅବସରରେ ଅଞ୍ଚଳର ସଂଗଠିତ ମହିଳାମାନେ ମଦ କାରବାର ବନ୍ଦ କରିବା ପାଇଁ ଆନ୍ଦୋଳନ କରିଥିଲେ। ରାଜ୍ୟରେ ଆମ ସରକାର ଆସିଲେ ଓଡ଼ିଶା ମଦମୁକ୍ତ ହେବ ବୋଲି ଜେନା ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଏସପି ପାଇଁ ପ୍ରଚାର ମଙ୍ଗ ଧରିଥିବା ଶ୍ରୀକାନ୍ତ କଂଗ୍ରେସ ଦଳ ଲାଗି କ୍ଷତି ପହଞ୍ଚାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ନ୍ୟାୟ ସଙ୍ଗଠନର ଆବାହକ ଅକ୍ଷୟ କୁମାର ମଲ୍ଲିକ, ପ୍ରତାପପୁର ସମିତିସଭ୍ୟ ପାର୍ଥ ସାରଥି ପଣ୍ଡା, ଖଗେଶ୍ୱର ନାୟକ ପ୍ରମୁଖ ଭୋଟରଙ୍କୁ ଉପଯୁକ୍ତ ପ୍ରାର୍ଥୀ ବାଛିବା ଲାଗି ନିବେଦନ କରି ଯୁବନେତାଙ୍କୁ ଜିତାଇବା ସକାଶେ ଅନୁରୋଧ କରିଥିଲେ।

# ଗାନ୍ଧୀ ପାର୍କରେ ସନ୍ଦିଗ୍ଧ ଅପରାଧୀ ଗ୍ୟାଙ୍ଗ

## ■ ମାଷ୍ଟର ମାଇଣ୍ଡଙ୍କ ସମେତ ୨ ଗିରଫ ■ ୫ ଫେରାର

**ବାରିପଦା ଅଫିସ, ୨୩।୪**

■ବନ୍ଧୁକ ଓ ମାରଣାସ୍ତ୍ର ଜବତ
■ଖସି ପଳାଇଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା
■ପୋଲିସ ସୁରକ୍ଷା ବ୍ୟବସ୍ଥା ଫେଲ୍ ମାରୁଥିବାରୁ ଉଦ୍‌ବେଗ

ନିର୍ବାଚନ ଲାଗି ସବୁଠି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇ ମୟୂରଭଞ୍ଜ ଜିଲାକୁ ପ୍ରବେଶ ଓ ପ୍ରସ୍ଥାନ କରୁଥିବା ଗାଡ଼ିମୋଟରଗୁଡ଼ିକୁ ଯାଞ୍ଚ କରାଯାଉଛି। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରଶାସନ ପ୍ରସ୍ତୁତ ରହିଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏପରିସ୍ଥଳେ ମଙ୍ଗଳବାର ବାରିପଦା ସହରର ଜନଗହଳିପୂର୍ଣ୍ଣ ଗାନ୍ଧୀ ପାର୍କରେ କେତେକ ସନ୍ଦିଗ୍ଧ ସଶସ୍ତ୍ର ଯୁବକ ଠୁଳ ହେବା ଏବଂ ସେମାନଙ୍କ ମଧ୍ୟରୁ ଜଣେ ଧରାପଡିବା ପରେ ତାଙ୍କ ନିକଟରୁ ଏକ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଜବତ ହେବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ ଏହି ସନ୍ଦିଗ୍ଧ ଯୁବକଙ୍କୁ ଧରି ଥାନା ଜିମା ଦେବା ପରେ ପୋଲିସ ତାଙ୍କୁ ଗିରଫ କରି ଅନ୍ୟ ସାଥୀଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଉକ୍ତଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ କୁହାଯାଉଥିବା ବିଶୋଇ ଅଞ୍ଚଳର କୃଷ୍ଣ କର୍ମକାରଙ୍କୁ ପରେ ବାଲିଡିହାରୁ ଧରାଯାଇଛି। ଅନ୍ୟ ୫ ଜଣ ଫେରାର ରହିଛନ୍ତି। ଏମାନେ ବଡ ଧରଣର ଡକାୟତି କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ପକ୍ଷରୁ ମଙ୍ଗଳବାର ରାତିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ବାରିପଦା ସହରର ବ୍ୟବସାୟିକ ପେଣ୍ଠସ୍ଥଳୀ ଗାନ୍ଧୀ ମାର୍କେଟ ଓ ସଂଲଗ୍ନ ଗାନ୍ଧୀ ପାର୍କ ଭିତରେ ୬ ରୁ ୭ ଜଣ ଯୁବକ ସନ୍ଦେହ ଜନକ ଅବସ୍ଥାରେ ଚଲାବୁଲା କରୁଥିବା ପ୍ରାତଃ ଭ୍ରମଣରେ ଯାଇଥିବା କେତେକ ଲୋକେ ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ସମ୍ପୃକ୍ତ ଯୁବକମାନେ ଏହା ଜାଣି ପାରି ସେଠାରୁ ଖସି ପଳାଇ ଯିବାବେଳେ ଯାଦବାନନ୍ଦ ହେମ୍ବ୍ରମ୍ ନାମକ ଜଣେ ଯୁବକ ଲୋକଙ୍କ ହାବୁଡ଼ରେ ପଡିଯାଇଥିଲେ। ଧରାପଡିଥିବା ଏହି ଯୁବକଙ୍କୁ କାବୁ କରି ଲୋକେ ପୋଲିସ ଜିମାରେ ଦେଇଥିଲେ। ତାଙ୍କ ଠାରୁ ଏକ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ଘର ବାଙ୍ଗିରିପୋଷି ଥାନା ଅଞ୍ଚଳରେ ।

ଆସନ୍ତା ୨୯ ତାରିଖରେ ଜିଲାରେ ନିର୍ବାଚନ ହେବାକୁ ଥିବାବେଳେ ଏହି ସନ୍ଦିଗ୍ଧ ଯୁବକମାନେ ଏଠାକୁ ଡକାୟତି କରିବାକୁ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଆସିଥିଲେ, ସେ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଜିଲା ପୋଲିସ ପକ୍ଷରୁ ଦିନରାତି ସହରର ପ୍ରମୁଖ ପ୍ରବେଶ ପଥଗୁଡିକୁ ବ୍ଲକିଂ କରି ଯାଞ୍ଚ କରୁଥିବା ସତ୍ତ୍ୱେ ଏହି ଯୁବକମାନେ ମାରଣାସ୍ତ୍ର ଧରି କିପରି ସହରକୁ ପଶିଲେ, ସେ ନେଇ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କୁ ଜେରା ପରେ ସେମାନେ ଡକାୟତି କରିବାକୁ ଯୋଜନା କରିଥିବା ନେଇ ପୋଲିସ କହିଛି। ଗ୍ୟାଙ୍ଗର ଅନ୍ୟ ୫ ଜଣ ଖସି ପଳାଥିବାରୁ ସେମାନଙ୍କୁ ଧରିବା ଲାଗି ଜିଲାର ସୀମାନ୍ତ ଅଞ୍ଚଳସମେତ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ବାରିପଦା ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ କେ.ପି. ପଟ୍ଟନାୟକ ଏବଂ ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ବାରିପଦାରେ ଆଜି ଧର୍ମେନ୍ଦ୍ରଙ୍କ ପ୍ରଚାର

**କୁଆମରା, ୨୩।୪। (ଡି.ଏନ.ଏ. )**

ମୟୂରଭଞ୍ଜ ଜିଲାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଜୋର ଧରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଏହି ଜିଲାର ଉଦଳା ନିର୍ବାଚନ ମଣ୍ଡଳୀ ଗୋପବନ୍ଧୁ ନଗର ବ୍ଲକ ଅଧୀନ ପୁରୁଣା ବାରିପଦା ଗସ୍ତରେ ଆସି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାସ୍କର ଚନ୍ଦ୍ର ମଢେଇ ଓ ଏମପି ପ୍ରାର୍ଥୀ ବିଶେଶ୍ୱର ଟୁଡୁଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ସେ ମଧ୍ୟାହ୍ନ ୧ଟା ୩୦ ମିନିଟ୍‌ରେ ଆସି ପହଞ୍ଚିବେ ବୋଲି ଦଳ ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରଚାର ସଭାକୁ ସଫଳ କରିବା ଲାଗି ଦଳର କର୍ମୀ ଓ ସମର୍ଥକମାନେ ଲାଗି ପଡିଛନ୍ତି।

# ରାଇରଙ୍ଗପୁର ଆସନ: କଡ଼ା ଟକ୍କର ସମ୍ଭାବନା

**ବହଳଦା, ୨୩।୪(ଡି.ଏନ.ଏ)**

ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧୀନ ରାଇରଙ୍ଗପୁର(୨୮)ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ଜୋର ଧରିଛି। ମଇଦାନରେ ଭାଜପା, ବିଜେଡି ଓ ଜେଏମଏମ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସମେତ ମୋଟ ୯ ପ୍ରତିଦ୍ୱନ୍ଦ୍ୱୀ ରହିଥିବାରୁ କଡା ଟକ୍କର ସମ୍ଭାବନା ଦେଖାଦେଇଛି। ମୋଟ ୨ଲକ୍ଷ ୩୪ ହଜାର ୧୪୭ ମତଦାତା ଆସନ୍ତା ୨୯ତାରିଖରେ ୨୯୫ଟି ବୁଥ୍‌ରେ ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରେ ୧ଲକ୍ଷ ୧୫ ହଜାର ୨୧୫ ପୁରୁଷ , ୧ଲକ୍ଷ ୧୮ ହଜାର ୯୨୪ ମହିଳା ଓ ୮ଜଣ ତୃତୀୟ ଲିଙ୍ଗର ଭୋଟର ରହିଛନ୍ତି।

ଏଥର ନିର୍ବାଚନରେ ଜେଏମ୍ଏମ୍ ସହ କଂଗ୍ରେସ ବୁଝାମଣା କରିଥିବାରୁ ପ୍ରାର୍ଥୀ ଦେଇନାହିଁ । ରାଜ୍ୟର ବିଜେଡି-ଭାଜପା ମେଣ୍ଟ ସମୟରେ ଏହି କ୍ଷେତ୍ର ଭାଜପା ଭାଗରେ ପଡିଥିଲା। ଭାଜପାର ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ମେଣ୍ଟ ଭାଙ୍ଗିବା ପରେ ୨୦୧୪ରେ ବିଜେଡି ପ୍ରାର୍ଥୀ ସାଇବା ସୁଶୀଲ ହାଁସଦା ଭାଜପା ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ପରାଜିତ କରିଥିଲେ। ୨୦୧୯ରେ ବିଜେଡି ବିଧାୟକ ସାଇବା ସୁଶୀଲଙ୍କ ପରିବର୍ତ୍ତେ ମହିଳା କାର୍ଡ ଖେଳି ରାଇରଙ୍ଗପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷା ବାସନ୍ତୀ ମାରାଣ୍ଡିଙ୍କୁ ପ୍ରାର୍ଥୀ କରିଛି । ଭାଜପାର ବରିଷ୍ଠ ନେତା ତଥା ରାଇରଙ୍ଗପୁରର ପୂର୍ବତନ ନଗରପାଳ ନବଚରଣ ମାଝୀ ଓ ଜେଏମଏମର ପ୍ରାର୍ଥୀ ଭାବେ ରାମଚନ୍ଦ୍ର ମୁର୍ମୁଙ୍କ ସମେତ ତୃଣମୂଳ କଂଗ୍ରେସ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀମାନେ ଭାଗ୍ୟ ପରୀକ୍ଷା କରୁଛନ୍ତି। ଭାଜପା ଓ ବିଜେଡି ପ୍ରାର୍ଥୀ ପ୍ରଥମ ଥର ପାଇଁ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଥିଲେ ମଧ୍ୟ ସେମାନେ ରାଜନୀତିରେ ନୂଆ ନୁହଁନ୍ତି। ଜେଏମ୍ଏମ ପ୍ରାର୍ଥୀ ରାମଚନ୍ଦ୍ର ୨୦୦୪ରେ ଦଳରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଅଳ୍ପ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ । ୨୦୦୯ ନିର୍ବାଚନରେ କଂଗ୍ରେସ ଏହି ଆସନ ଅକ୍ତିଆର କରିଥିଲା। ଏଥର କଂଗ୍ରେସ ଦଳ ନିଜର କାହାକୁ ପ୍ରାର୍ଥୀ ନ କରି ଜେଏମଏମ ପ୍ରାର୍ଥୀଙ୍କ ପାଇଁ ଆସନ ଛାଡ଼ିଦେଇଛି। ବିଜେଡି ସମେତ ବିଭିନ୍ନ ଦଳରେ ଗୋଷ୍ଠୀ କନ୍ଦଳ ଏବଂ ଦଳବଦଳ ରାଜନୀତି ପରିସ୍ଥିତିକୁ ଅନେକାଂଶରେ ଗୋଳିଆ କରିଦେଇଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଭାଜପା ଏହି ନିର୍ବାଚନ ମଣ୍ଡଳୀର ୮ରୁ ୭ଟି ଜିଲା ପରିଷଦ ଆସନ ଦଖଲ କରିଥିବାରୁ ଏଥର ଜନମତକୁ ନିଜ ଆଡ଼କୁ ନେବା ସକାଶେ ଉଦ୍ୟମ ଜାରି ରଖିଛି। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଭାଜପାର ମୂଳଦୁଆ ପକାଇଥିବା ରାଜକିଶୋର ଦାସ ଏବେ ଦଳ ଛାଡି ବିଜେଡି ଶିବିରରେ ସାମିଲ ହୋଇଥିବାରୁ ସ୍ଥିତିରେ ପରିବର୍ତ୍ତନ ଘଟିଛି। ଏକଦା ଜିଲାରେ ପ୍ରଭାବ ବିସ୍ତାର କରିଥିବା ଜେଏମଏମ ପୂର୍ବ ସ୍ଥିତି ଫେରାଇବା ଲକ୍ଷ୍ୟରେ ରହିଛି। ଜେଏମଏମର ଅପ୍ରତିଦ୍ୱନ୍ଦ୍ୱୀ ନେତା ସୁଦାମ ମାରାଣ୍ଡି ଦଳ ଛାଡିବା ପରଠାରୁ ଦୁର୍ବଳ ହୋଇ ପଡିଥିବା ସାଂଗଠନକ ସ୍ଥିତିକୁ ସଜାଡିବା ଲାଗି ନେତା ଓ କର୍ମୀମାନେ ଲାଗି ପଡିଛନ୍ତି। ତେବେ ଏଥର ବିଭିନ୍ନ ଦଳରେ ପ୍ରାର୍ଥୀ ଚୟନକୁ ନେଇ କର୍ମୀମହଲରେ ଶେଷ ପର୍ଯ୍ୟନ୍ତ ଅସନ୍ତୋଷ ଲାଗି ରହିଥିବା ଲକ୍ଷ୍ୟ କରାଯାଉଛି। କେତେକ ନେତା ଦଳୀୟ ଶୃଙ୍ଖଳା ଭଙ୍ଗ ଭୟରେ ନୀରବ ରହୁଥିବା ଲକ୍ଷ୍ୟ କରାଯାଉଛି। ପରିବର୍ତ୍ତନର ନାରା ଦେଇ ଭାଜପା ପ୍ରାର୍ଥୀ ଫାଇଦା ଉଠାଇବାକୁ ଆଶାବାଦୀ ଥିବା ବେଳେ ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିକାଶ ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ପାଥେୟ କରି ପ୍ରଚାର ଚଳାଇଛନ୍ତି। ଅନ୍ୟ ପ୍ରାର୍ଥୀମାନେ ଅନୁରୂପ ନିର୍ବାଚନୀ କୌଶଳ ଗ୍ରହଣ କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି।

# ଶାଳକାଠ ବୋଝେଇ ଭ୍ୟାନ ସମେତ ବାଇକ୍ ଜବତ



ଶାଳକାଠ ସହ ପିକ୍‌ଅପ୍ ଜବତ।

**ବଡ଼ସାହି, ୨୩।୪(ସ୍ୱ.ପ୍ର)**

ବଡସାହି ବ୍ଲକ ଅଧୀନ ବାଘମରା ଅଞ୍ଚଳରୁ ଏକ ଶାଳକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ସମେତ ଗୋଟିଏ ପଲସ୍‌ର ବାଇକକୁ ସୋମବାର ରାତିରେ ବେତନଟୀ ରେଞ୍ଜ ବନବିଭାଗ ଜବତ କରିଛି । ଚୋରାକାଠ ଚାଲାଣନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଅନ୍ଧାରର ସୁଯୋଗ ନେଇ କାଠ ଚୋରମାନେ ଫେରାର ହୋଇଯାଇଥିଲେ। ଭ୍ୟାନ୍‌ରେ ୯ଖଣ୍ଡ ଶାଳଗଣ୍ଡି ବୋଝେଇ ହୋଇଥିବା ବେଳେ ମୋଟ ୩୦.୫୪ ସିଫ୍ଟ କାଠ ରହିଛି , ଯାହାର ବଜାର ମୂଲ୍ୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ । ପଲସର ବାଇକଟି ଜୀବନ ବିଶ୍ୱାଳ ନାମରେ ପଞ୍ଜୀକୃତ ଥିବାବେଳେ ଭ୍ୟାନରେ ଭୁଲନମ୍ବର ଲଗାଯାଇ ଚୋରାକାଠ ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଚଢାଉରେ କୃଷ୍ଣଚନ୍ଦ୍ରପୁର ବନପାଳ ଲକ୍ଷ୍ମୀକାନ୍ତ ବେହେରା, ବେତନଟୀ ବନପାଳ ସୁଶାନ୍ତ ବାଗଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ଗାଁକୁ ରାସ୍ତା ନ ଥିବାରୁ ଭୋଟ ବର୍ଜନ

ଯୋଡ଼ା,୨୩।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଲୋଇଡ଼ାପଡ଼ା ପଞ୍ଚାୟତ ଫାରମସାହିକୁ ରାସ୍ତା ନ ଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ମଙ୍ଗଳବାର ଭୋଟ ବର୍ଜନ କରିଛନ୍ତି। ୬୪ ନମ୍ବର ବୁଥ ଅଧୀନ ଫାରମ ସାହିର ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ଭୋଟର ପୂର୍ବରୁ ରାସ୍ତା , ପୋଲ ନିର୍ମାଣ ଭଳି ବିଭିନ୍ନ ଦାବି ଓ ସମସ୍ୟା ନେଇ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ସରପଞ୍ଚ ଚତୁର୍ଭୁଜ ନାଏକଙ୍କ ସମେତ ପୂର୍ବତନ ସରପଞ୍ଚ ଡବର ମୁଣ୍ଡା, ସୁରେଶ ମହାକୁଡ଼, ସଞ୍ଜୀବ ପଲେଇ ପ୍ରମୁଖ ଫାରମ ସାହିକୁ ଯାଇ ଲୋକଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଏ ସଂକ୍ରାନ୍ତରେ ସରପଞ୍ଚ ଯୋଡ଼ା ବିଡିଓଙ୍କୁ ଅବଗତ କରିବାରୁ ବିଡିଓ କ୍ଷୀରୋଦ କୁମାର ବେହେରା ନିର୍ବାଚନ ପରେ ପୋଲ ଓ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗ୍ରାମବାସୀ ଏହାକୁ ବିଶ୍ୱାସକୁ ନ ନେଇ ଭୋଟ ଦେବେ ନାହିଁ ବୋଲି କହିଥିଲେ। ସରପଞ୍ଚ ନାଏକ କହିଛନ୍ତି ଯେ, ଫାରମସାହି ନାଳ ଉପରେ ପୋଲ ନ ଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ନିର୍ବାଚନବେଳେ ନେତାମାନେ ପ୍ରତିଶ୍ରୁତି ଦେଇ ତାହା ପୂରଣ କରିନାହାନ୍ତି। ଏହି କାରଣରୁ ଗ୍ରାମବାସୀ ରାଜନେତାଙ୍କ ଉପରୁ ଆସ୍ଥା ହରାଇ ଏଥର ଭୋଟ ବର୍ଜନ କରିଥିବା ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ପ୍ରତିକାର ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇଭିଏମ୍ ମେଶିନ୍ ଅଚଳ ହେବାରୁ ରୋଇଡା, ଲୋଇଡାପଡ଼ା ଓ କାଟାସାହିର ଭୋଟର ଭୋଟ୍‌ଦାନରୁ ବଞ୍ଚିତ ହୋଇଛନ୍ତି।
















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ